Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages- 8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୧୫, ଭୁବନେଶ୍ୱର, ୨୬ ଫେବୃଆରୀ ରୁ ୩ ମାର୍ଚ୍ଚ, ୨୦୨୪ Vol-1, Issue-15, Bhubaneswar, 26 Feb. to 3 March , 2024

### ଆସିଲା ଆଉ ଏକ ସର୍ଭେ ରିପୋର୍ଟ

# ଲୋକସଭା ସିଟ୍‌ରେ ଓଡ଼ିଶାରେ ମୋଦି ରହିବେ ଆଗରେ

**ନୂଆଦିଲ୍ଲୀ:** ଲୋକସଭାରେ ବିଜେଡିର ପ୍ରତିନିଧିତ୍ୱ ସଙ୍କଟ ଦେଖାଦେବ। ଦଳର ମାତ୍ର ଜଣେ ସାଂସଦ ନିର୍ବାଚନ ଜିତି ଲୋକସଭାକୁ ଯିବାକୁ ସକ୍ଷମ ହେବେ । ବାକି ୨୦ଟି ଲୋକସଭା ସିଟ୍ ବିଜେପି ଦଖଲକୁ ଯିବ । କଂଗ୍ରେସ ଲୋକସଭା ନିର୍ବାଚନରେ ଓଡ଼ିଶାରେ ଖାତା ଖୋଲିବାରେ ସକ୍ଷମ ହେବନି । କେବଳ ସେତିକି ନୁହେଁ ବିଜେଡିର ଭୋଟ ହାର ବି ୨୦୧୯ ନିର୍ବାଚନ ତୁଳନାରେ ୨୩.୪୫% ହ୍ରାସ ପାଇବ । ଆଉ ଓଡ଼ିଶାରେ ନରେନ୍ଦ୍ର ମୋଦିଙ୍କ ସୁନାମୀ ରହିଛି ଓ ବିଜେପିର ଭୋଟ ହାରରେ ୧୬.୫୦% ବୃଦ୍ଧି ପାଇବ । ଏଭଳି କିଛି ତଥ୍ୟ ଦେଇଛି ଫେଡେରାଲ-ପୁଥିଆ ଥାଲାଇମୁରି ପକ୍ଷରୁ ଦେଶବ୍ୟାପୀ ହୋଇଥିବା ସର୍ଭେ ରିପୋର୍ଟ । ଯାହାକି ଏବେ ବିଜେଡିର ପାଦତଳୁ ମାଟି ଖସାଇ ଦେଇଛି।

ଇଣ୍ଡିଆ ଟୁଡ଼େ 'ମୁଡ୍ ଅଫ ଦି ନେସନ' ଓ ଟାଇମ୍ସନାଓ ଭଳି ଦୁଇଟି ଜାତୀୟସ୍ତରର ସଂସ୍ଥା ମଧ୍ୟ ତା'ର ସର୍ଭେ ରିପୋର୍ଟରେ ଓଡ଼ିଶାରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ହ୍ରାସ ପାଉଥିବାର ସନ୍ଦେଶ ଦେଇଥିଲା। ଏବେ ଏହି ସଦ୍ୟ ସର୍ଭେ ରିପୋର୍ଟ ନବୀନଙ୍କ ଲୋକପ୍ରିୟତାର ଗ୍ରାଫ୍ ତଳମୁହାଁ ହୋଇଥିବା ଉଲ୍ଲେଖ କରିଛି । ତାମିଲନାଡୁର ଆଗଧାଡ଼ିର ଏକ ଟିଭି ଚ୍ୟାନେଲ ପୁଥିଆ ଥାଲାଇମୁରାଇ ଓ ଦି ଫେଡ଼େରାଲ ଡିଜିଟାଲ ପକ୍ଷରୁ ହୋଇଥିବା ଦେଶବ୍ୟାପୀ ଏକ ସର୍ଭେ ରିପୋର୍ଟ ଅନୁସାରେ, ଓଡ଼ିଶାରେ ଏବେ ଯଦି ନିର୍ବାଚନ ହୁଏ ତା'ହେଲେ ରାଜ୍ୟର ମୋଟ ୨୧ଟି ଆସନ ମଧ୍ୟରୁ ବିଜେପିକୁ ୨୦ଟି ଓ ବିଜେଡିକୁ ମାତ୍ର ଗୋଟିଏ ଲୋକସଭା ସିଟ୍ ମିଳିବ।

ସେହିପରି ବିଜେପିକୁ ୫୪.୯୦%, ବିଜେଡିକୁ ୧୯.୩୫%, କଂଗ୍ରେସକୁ ୯.୭୪% ପ୍ରତିଶତ ଭୋଟ୍ ମିଳିବ । ୧୪.୧୭% ଲୋକ କିଛି ମତାମତ ଦେଇନଥିବାବେଳେ ୧.୮୫ ପ୍ରତିଶତ ଲୋକଙ୍କ ମତ ଭିନ୍ନ ଥିଲା । ୨୦୧୯ ଲୋକସଭା ନିର୍ବାଚନରେ ବିଜେପିକୁ ୩୮.୪୦% ଭୋଟହାର ସହ ୮ଟି ସିଟ୍, ବିଜେଡିକୁ ୪୨.୮୦% ଭୋଟ ହାର ସହ ମୋଟ୍ ୧୨ଟି ସିଟ୍ ଓ କଂଗ୍ରେସକୁ ୧୩.୪୦% ହାର ସହ ମାତ୍ର ଗୋଟିଏ ସିଟ୍ ମିଳିଥିଲା। ଗତଥର ତୁଳନାରେ ସର୍ବାଧିକ ୨୩.୪୫% ଭୋଟର ବିଜେଡିଠୁ ଦୂରେଇ ଯିବେ । ସେହିପରି କଂଗ୍ରେସକୁ ମାତ୍ର ୯.୭୪% ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିବ । ଦଳ ଗୋଟିଏ ବି ସିଟ୍ ଜିତିପାରିବ ନାହିଁ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି।



ସେହିପରି ରାଜ୍ୟରେ ୫୫.୨୧ ପ୍ରତିଶତ ଲୋକ କେନ୍ଦ୍ର ସରକାରଙ୍କ କୌଣସି ଯୋଜନାର ଲାଭାର୍ଥୀ ହୋଇନଥିବା କହିଥିବାବେଳେ ୪୨.୩୯ ପ୍ରତିଶତ ଲୋକ କେନ୍ଦ୍ରୀୟ ଯୋଜନାର ସୁଫଳ ପାଉଥିବା ସ୍ୱୀକାର କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶର ୮୦କୋଟି ଲୋକଙ୍କୁ କୋଭିଡ୍ ସମୟରୁ ମାଗଣା ଚାଉଳ ବଣ୍ଟନକୁ ରାଜ୍ୟର ୬୨.୨୯ ପ୍ରତିଶତ ଲୋକ ପସନ୍ଦ କରିଛନ୍ତି । ସେହିପରି ୟୁପିଆଇ-ଡିଜିଟାଲ ପେମେଣ୍ଟ ଗେଟୱେକୁ ରାଜ୍ୟର ୬୦.୪୪ ପ୍ରତିଶତ ଓ ଜଳଜୀବନ ମିଶନ ଯୋଜନାରେ ଗ୍ରାମାଞ୍ଚଳ ପରିବାରକୁ ଟ୍ୟାପ୍ ଯୋଗେ ପାଣି ଯୋଗାଣକୁ ୪୬.୮୩ ପ୍ରତିଶତ ଲୋକ ପସନ୍ଦ କରିଛନ୍ତି । ସେହିପରି କେନ୍ଦ୍ର ସରକାରଙ୍କ ଚାଷୀଙ୍କୁ ସହାୟତା ଯୋଗାଣକୁ ୨୩.୧୭ ପ୍ରତିଶତ, ଭାରତର ଛବିକୁ ଆନ୍ତର୍ଜାତିକସ୍ତରରେ ଉଲ୍ଲେଖନୀୟ ବୃଦ୍ଧି କରିବାକୁ ଓଡ଼ିଶାର ୩୨.୭୨ ପ୍ରତିଶତ ଲୋକ ପସନ୍ଦ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ତାମିଲନାଡୁର ଏହି ସଂସ୍ଥାର ସର୍ଭେ ରିପୋର୍ଟ ଏବେ ବିଜେଡି ପାଇଁ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି । ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ନିଜର ସ୍କିମ୍ ମାଧ୍ୟମରେ ରାଜ୍ୟରେ ଷଷ୍ଠଥର ସରକାର ଗଢ଼ିବାକୁ ଦୃଢ଼ ନିଶ୍ଚିତ ଥିବା ବିଜେଡି ପାଇଁ ଏହି ସର୍ଭେ ରିପୋର୍ଟ ଚିନ୍ତା ବଢ଼ାଇବାର ଆଶଙ୍କା ରହିଛି।

ସୂଚନାଯୋଗ୍ୟ ଚଳିତମାସ ପ୍ରଥମ ସପ୍ତାହରେ ଟାଇମ୍ସନାଓ ତା'ର ସର୍ଭେ ରିପୋର୍ଟରେ ଦର୍ଶାଇଥିଲା ଯେ, ଯଦି ଏବେ ଲୋକସଭା ନିର୍ବାଚନ ହୁଏ ଓଡ଼ିଶାର ୨୧ଟି ଲୋକସଭା ଆସନ ମଧ୍ୟରୁ ବିଜେପିକୁ ୧୧ଟି, ବିଜେଡିକୁ ୯ଟି ଓ କଂଗ୍ରେସକୁ ଗୋଟିଏ ସିଟ୍ ମିଳିବ । ବିଜେପି ସପକ୍ଷରେ ୪୪.୮%, ବିଜେଡିକୁ ୪୦.୪% ଓ କଂଗ୍ରେସ ମେଣ୍ଟକୁ ୯.୬% ଭୋଟ୍ ମିଳିବ। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ୪୮ପ୍ରତିଶତ ଥିବାବେଳେ ୨୮ପ୍ରତିଶତ ମୋଦି ସରକାରର ଯୋଜନାକୁ ଲୋକେ ପସନ୍ଦ କରୁଛନ୍ତି। ଉଭୟକୁ ମିଶାଇଲେ ଓଡ଼ିଶାରେ ମୋଦିଙ୍କ ପ୍ରତି ୭୬ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି । ନବୀନ ପଟ୍ଟନାୟକଙ୍କ କାର୍ଯ୍ୟରେ ୪୩ ପ୍ରତିଶତ ଲୋକ ଅସନ୍ତୁଷ୍ଟ ଓ ମାତ୍ର ୨୪ ପ୍ରତିଶତ ଲୋକ ସନ୍ତୁଷ୍ଟ ଅଛନ୍ତି । ୩୧ ପ୍ରତିଶତ ଲୋକ ଆଂଶିକ ସନ୍ତୁଷ୍ଟ ।

ସେହିପରି ଫେବୃୟାରୀ ପ୍ରଥମ ସପ୍ତାହରେ ଇଣ୍ଡିଆଟୁଡ଼େ ପକ୍ଷରୁ 'ମୁଡ୍ ଅଫ ଦି ନେସନ' ସର୍ଭେ ରିପୋର୍ଟ ଜାରି ହୋଇଥିଲା । ଯେଉଁଥିରେ ଓଡ଼ିଶାର ଭୋଟରମାନେ ଲୋକସଭା ନିର୍ବାଚନରେ ନବୀନଙ୍କ ତୁଳନାରେ ମୋଦିଙ୍କ ଉପରେ ଅଧିକ ଭରସା କରିଛନ୍ତି । ଯଦି ଏବେ ନିର୍ବାଚନ ହୁଏ ତା'ହେଲେ ରାଜ୍ୟର ମୋଟ୍ ୨୧ଟି ଲୋକସଭା ଆସନ ମଧ୍ୟରୁ ୧୧ଟି ବିଜେପିକୁ ଓ ୧୦ଟି ବିଜେଡିକୁ ମିଳିବ। କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ଖାତା ଖୋଲିପାରିବ ନାହିଁ । ବିଜେପି ସପକ୍ଷରେ ୪୦%, ବିଜେଡି ସପକ୍ଷରେ ୪୧ ପ୍ରତିଶତ ଓ କଂଗ୍ରେସ ମେଣ୍ଟ ସପକ୍ଷରେ ୧୨ ପ୍ରତିଶତ ଭୋଟ ପଡ଼ିବ।

# ବିଜେଡି ଛାଡ଼ିଲେ ଦେବାଶିଷ ନାୟକ

**ଭୁବନେଶ୍ୱର (ଭିଓଭି):** ଯାଜପୁର ଜିଲ୍ଲାର ଟାଣୁଆ ନେତା ଦେବାଶିଷ ନାୟକ ବିଜେଡି ଛାଡ଼ିଛନ୍ତି। ସେ ପ୍ରାଥମିକ ସଦସ୍ୟପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ତେବେ ସେ କେଉଁ ଦଳରେ ଯୋଗଦେବେ, ତାହା ଜଣାପଡ଼ି ନାହିଁ।



ଏକଦା ବିଜେଡିର ଟାଣୁଆ ନେତା ଥିଲେ ଦେବାଶିଷ ନାୟକ। ସେ କେବଳ ଟାଣୁଆ ନେତା ନଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଖାସ ଅନୁଗତ ଥିଲେ। ଜନତା ଦଳରରୁ କ୍ୟାରିୟର ଆରମ୍ଭ କରିଥିଲେ। ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ବିଜେଡିରେ ଯୋଗଦେଇଥିଲେ। ଯାଜପୁର ଜିଲ୍ଲାରେ ପ୍ରଫୁଲ୍ଲ ଘଡ଼ାଇ ଓ କଳ୍ପତରୁ ଦାସଙ୍କ ପରି ନେତାମାନେ ଥିବା ସତ୍ତ୍ୱେ ନିଜର ଦବ୍‌ଦବା ଦେଖାଉଥିଲେ ଦେବାଶିଷ। ସେ ଲଗାତାର ଭାବେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଥିଲେ।

ଶ୍ରୀ ନାୟକ ଲାଗାତାର ଭାବେ ବରୀ ନିର୍ବାଚନମଣ୍ଡଳୀର ୨୦୦୦ରୁ ୨୦୦୪, ୨୦୦୪ରୁ ୨୦୦୯, ୨୦୦୯ରୁ ୨୦୧୪ ଓ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏପରିକି ନବୀନ ପଟ୍ଟନାୟକଙ୍କ କ୍ୟାବିନେଟ୍‌ରେ ମନ୍ତ୍ରୀ ମଧ୍ୟ ହୋଇଥିଲେ। ରାଜ୍ୟ ରାଜନୀତିରେ ଚାଣକ୍ୟ କୁହାଯାଉଥିବା ପ୍ୟାରୀମୋହନ ମହାପାତ୍ରଙ୍କ ସମୟରେ ଦେବାଶିଷ ସବୁଠାରୁ ବେଶୀ ସକ୍ରିୟ ଥିଲେ। ତେବେ ୨୦୧୯ ମସିହା ସାଧାରଣ ନିର୍ବାଚନରେ ତାଙ୍କୁ ପ୍ରାର୍ଥୀ କରିନଥିଲା ବିଜେଡି। ଯେଉଁଥିପାଇଁ ସେ ଦଳରେ ଥାଇ ନଥିଲା ପରି ଲାଗୁଥିଲେ। ଜିଲ୍ଲାର କୌଣସି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁନଥିଲେ। ତାଙ୍କ କାର୍ଯ୍ୟକଳାପରୁ ଲାଗୁଥିଲା ସେ ବିଜେଡି ଛାଡ଼ି ପାରନ୍ତି।

# ନିଜେ ମରି ଅନ୍ୟକୁ ଜୀବନ ଦେଲେ ଦମୟନ୍ତୀ

**ଭୁବନେଶ୍ୱର (ଭିଓଭି):** ନବମ ଶ୍ରେଣୀରେ ପଢୁଥିଲେ। କେତେ କ'ଣ ସ୍ୱପ୍ନ ଦେଖୁଥିଲେ। ହେଲେ ଜୀବନକୁ ଭଲ କରି ଦେଖିବା ପୂର୍ବରୁ ଅଫେରା ପଥରେ ଚାଲିଗଲେ ୧୪ ବର୍ଷର ଝିଅ ଦମୟନ୍ତୀ। ଦୀର୍ଘ ଦିନ ଧରି ମେଡ଼ିକାଲ୍ ବେଡ୍‌ରେ ଜୀବନ ସହ ସଂଘର୍ଷ କରି ଶେଷରେ ହାରିଗଲେ। ଆଉ ଜନ୍ମ ଦେଇଥିବା ବାପା-ମାଆଙ୍କୁ କନ୍ଦାଇ ଦେଇଗଲେ। ହେଲେ ବଞ୍ଚାଇ ଦେଇଗଲେ ଆଉ କାହା ଜୀବନ।



କେନ୍ଦୁଝର ବରେଇଗୋଡ଼ା ଗାଁର ଦୁଃଖବନ୍ଧୁ ମହାନ୍ତି ଭୁବନେଶ୍ୱରରେ ଅଟୋ ଚଳାଇ ପତ୍ନୀ ବନିତା ଓ ଝିଅ ଦମୟନ୍ତୀଙ୍କ ସହ ରହୁଥିଲେ। ନବମ ଶ୍ରେଣୀରେ ଦମୟନ୍ତୀ ପଢ଼ନ୍ତି। ଆଜକୁ ୫ ମାସ ତଳେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ବେଳେ ତାଙ୍କର କିଡନୀ ସମସ୍ୟା ଥିବା ଜଣାପଡ଼ିଥିଲା। ଏହା ପରେ ଡାକ୍ତରଙ୍କ ପରାମର୍ଶରେ ସେଠାରେ ତାଙ୍କ ଡାଏଲିସିସ୍ ଚାଲିଥିଲା। ଗତ ୧୫ ତାରିଖରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା। କ୍ୟାପିଟାଲ୍ ହସ୍ପିଟାଲ୍ ସ୍କାନିଂ କରିବା ବେଳେ ବ୍ରେନ୍ ଷ୍ଟୋକ୍ ହୋଇଥିବା ଜଣାପଡ଼ିଥିଲା।

ମୟନ୍ତୀଙ୍କ ବ୍ରେନ୍ ଡେଡ୍ ହୋଇଥିବା ଜାଣିବା ପରେ ପରିବାର ଲୋକ ଅଙ୍ଗଦାନ କରିବା ପାଇଁ ରାଜି ହୋଇଥିଲେ। ପ୍ରୋଟୋକଲ୍ ଅନୁସାରେ ଦମୟନ୍ତୀଙ୍କ ଅପରେଶନ୍ କରାଯାଇଥିଲା। ଦମୟନ୍ତୀଙ୍କ ଲିଭର ବା ଯକୃତକୁ ରିଟ୍ରାଇଭ୍ କରାଯାଇଥିଲା। ଉକ୍ତ ଲିଭରକୁ ଗ୍ରୀନ୍ କରିଡରରେ ଭୁବନେଶ୍ୱର ବିମାନ ବନ୍ଦରକୁ ନିଆଯାଇଥିଲା। ସେଠାରୁ ନୂଆଦିଲ୍ଲୀର ଇନଷ୍ଟିଚ୍ୟୁଟ ଅଫ୍ ଲିଭର ଆଣ୍ଡ ବାଇଲଅରି ସାଇନ୍ସ (ILBS)କୁ ନିଆଯାଇଛି। ଆଜି ରାତିରେ ଜଣଙ୍କ ଦେହରେ ରୋପଣ କରାଯିବ। ମୃତ ଶରୀରରୁ ଅଙ୍ଗ ସଂଗ୍ରହ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ପାଇଁ ଏହା ପ୍ରଥମ ଘଟଣା। ଏବେ ଅନ୍ୟଜଣଙ୍କ ଶରୀରେ ବଞ୍ଚିବେ ଦମୟନ୍ତୀ ବଞ୍ଚି ରହିବ। ଝିଅକୁ ହରାଇ ତାଙ୍କ ବାପାମାଆ ଦୁଃଖରେ ଭାଙ୍ଗି ପଡ଼ିଥିଲେ ମଧ୍ୟ ତାଙ୍କ ଲିଭର ଅନ୍ୟ ଜଣଙ୍କୁ ନୂଆ ଜୀବନ ଦେବ ଜାଣି ସେମାନେ ଗର୍ବିତ ବୋଲି ଉଭୟ କହିଛନ୍ତି।

# ସଂ ପା ଦ କୀ ୟ

**୨୬ ଫେବୃଆରୀ ରୁ ୩ ମାର୍ଚ୍ଚ ୨୦୨୪**

## ସମାଧାନର ରାସ୍ତା

ଆମ ଦେଶରେ ପୁନର୍ବାର କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି ଏବଂ ଦିଲ୍ଲୀମୁହାଁ ହୋଇଥିବା ଆନ୍ଦୋଳନକାରୀ କୃଷକଙ୍କ ଛତ୍ରଭଙ୍ଗ ସକାଶେ ଡ୍ରୋନ୍ ଦ୍ୱାରା ଲୁହବୁହା ବାଷ୍ପର ପ୍ରୟୋଗ ଏବଂ ରବର ବୁଲେଟ୍‌ର ପ୍ରହାର ଭୀଷଣ ବିବାଦ ମଧ୍ୟ ସୃଷ୍ଟି କରିଛି। ଦେଶର ଦ୍ୱାରଦେଶରେ ସାଧାରଣ ନିର୍ବାଚନ ଉପନୀତ ହୋଇଥିବା ଦୃଷ୍ଟିରୁ ଏ ସମଗ୍ର ଘଟଣାକ୍ରମର ସମୂଳ ରାଜନୀତୀକରଣ ଯଦିଓ ଏକ ଅତ୍ୟନ୍ତ ସ୍ୱାଭାବିକ ବିଷୟ; ତଥାପି ଏ ପ୍ରକରଣରେ ଆରୋପ-ପ୍ରତ୍ୟାରୋପ, କୁତ୍ସା, ତୀବ୍ର ଜାତୀୟତାବାଦୀ ଆକ୍ଷେପର ଧୂଳି ଝଡ଼ ସୃଷ୍ଟି ହୋଇ କୃଷକ ସମସ୍ୟାର ପ୍ରକୃତ ସମାଧାନର ପଥକୁ ରୁନ୍ଧି ପକାଇବା ଏକ ବିଡ଼ମ୍ବନା ତୁଲ୍ୟ ଦିଶିଥାଏ। ଏହି ପରିପ୍ରେକ୍ଷୀରେ ସେହି ଧୂଳିର ପଟଳକୁ ଅପସାରଣ କରିବା ସକାଶେ ଯେ ଏକ କ୍ଷୁଦ୍ର ଆଲୋଚନାର ଆବଶ୍ୟକତା ରହିଛି, ତହିଁରେ ଦ୍ୱିରୁକ୍ତି ନାହିଁ।

ପ୍ରକାଶ ଥାଉ କି ସରକାରଙ୍କ ଦ୍ୱାରା ଘୋଷିତ 'ସର୍ବନିମ୍ନ ସହାୟକ ମୂଲ୍ୟ' ବା 'ଏମ୍.ଏସ୍.ପି.'କୁ ଏକ ଆଇନରେ ପରିଣତ କରିବାର ଏକମାତ୍ର ଦାବି ନେଇ ଏହି ଆନ୍ଦୋଳନ ସକ୍ରିୟ ହୋଇଛି। ଆନ୍ଦୋଳନକାରୀମାନଙ୍କ ମତରେ 'ଏମ୍.ଏସ୍.ପି.'କୁ ଆଇନର ମାନ୍ୟତା ମିଳିଲେ, ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଅନ୍ତତଃ ୨୪ଟି କୃଷିଜକୁ କୌଣସି କ୍ରେତା 'ଏମ୍.ଏସ୍.ପି.'ରୁ ନୀଚା ମୂଲ୍ୟରେ କିଣି ପାରିବେ ନାହିଁ; ସୁତରାଂ, ଚାଷୀ ଅଭାବୀ ବିକ୍ରି କରିବାର ବାଧ୍ୟବାଧକତାର ଶିକାର ହେବ ନାହିଁ; 'ଏମ୍.ଏସ୍.ପି.' ପ୍ରଦାନ କରି ସରକାର କୃଷିଜ କିଣିଲେ ଚାଷୀ ସକାଶେ ଏକ ନିର୍ଦ୍ଦିଷ୍ଟ ଆୟର ଗ୍ୟାରେଣ୍ଟି ମଧ୍ୟ ରହିବ।

ତେବେ, ଏଭଳି ମତ ସହିତ ଅମଙ୍ଗ ହେଉଥିବା ପକ୍ଷ କହିଥାଆନ୍ତି ଯେ ପ୍ରକାରାନ୍ତରେ କିନ୍ତୁ ଏହା କୃଷକ ବିରୋଧୀ ହୋଇ ଉଠିବ, କାରଣ କେ ?ଣସି କ୍ରେତା ମୂଲଚାଲ କରି 'ଏମ୍.ଏସ୍.ପି.' ଠାରୁ ସାମାନ୍ୟ ଊଣା ଦର ଦେଇ କୃଷିଜ କ୍ରୟ କରିବାରୁ କ୍ଷାନ୍ତ ରହିବେ; ଫଳରେ ଚାହିଦାରେ ନ ଥିବା କୃଷିଜ ସରକାରୀ ଗୋଦାମରେ ବା ବଳକା ଥିଲେ ଚାଷୀ ନିକଟରେ ପଡ଼ି ରହିବା ହିଁ ସାର ହେବ। ଏଭଳି ସ୍ଥଳେ କ୍ରମେ ଚାଷୀମାନେ କିଛି ନିର୍ଦ୍ଦିଷ୍ଟ କିସମର ଚାଷ ପ୍ରତି ବିମୁଖ ହେବେ, ଭାରତୀୟ କୃଷିଜ 'ବାସ୍କେଟ' ବା ଡାଲା ଅଗତ୍ୟା ବିବିଧତାଶୂନ୍ୟ ହେବାକୁ ବସିବ। ସେମାନଙ୍କ ମତରେ ସଂପ୍ରତି କେବଳ ଧାନ ଓ ଗହମ ଭଳି ମୁଷ୍ଟିମେୟ କେତେକ କୃଷିଜର ବିକ୍ରି 'ଏମ୍.ଏସ୍.ପି.' ଆଧାରରେ ହେଉଛି; ଅନ୍ୟାନ୍ୟ ଅନେକ କୃଷିଜରେ, 'ଏମ୍.ଏସ୍.ପି.' ବ୍ୟବସ୍ଥା ଥିବା ସତ୍ତ୍ୱେ, ଚାଷୀ ବଜାର ବା 'ମାର୍କେଟ୍' ଦ୍ୱାରା ସ୍ଥିରୀକୃତ ମୂଲ୍ୟ ଦ୍ୱାରା ଅଧିକ ଲାଭ କରିବାର ସୁଯୋଗ ପାଉଛି। ଏହି ମତ ପୋଷଣ କରୁଥିବା ବିଶେଷଜ୍ଞଙ୍କ ମତରେ 'ଏମ୍.ଏସ୍.ପି.' ତାଲିକାଭୁକ୍ତ ଫସଲଗୁଡ଼ିକର ବ୍ୟବସାୟ ପରିମାଣ ହେଉଛି ମାତ୍ର ୨୮% ଏବଂ ଚାଷ କାରବାରରେ ଅବଶିଷ୍ଟ ୭୨% ସ୍ଥାନ ଅଧିକାର କରିଥିବା କୁକୁଡ଼ା ଚାଷ ବା ମତ୍ସ୍ୟ ଚାଷ ବା ଦୁଗ୍ଧ ଅମଳ କୌଣସି 'ଏମ୍.ଏସ୍.ପି.' ଉପରେ ଅବଲମ୍ବନ ନ କରି ହାରାହାରି ୭% ହାରରେ ଅଭିବୃଦ୍ଧି ହାସଲ କରି ଚାଲିଛନ୍ତି। ସେମାନଙ୍କ ମତରେ 'ଏମ୍.ଏସ୍.ପି.' ହେଉଛି ଚାଷୀ ପାଉଥିବା 'ସର୍ବନିମ୍ନ ମୂଲ୍ୟ'; ଏବଂ କେ ?ଣସି କୃଷିଜର 'ସର୍ବୋଚ୍ଚ ମୂଲ୍ୟ' କେବଳ ବଜାର ହିଁ ସ୍ଥିର କରିଥାଏ।

ଏଥିରେ ଦ୍ୱିରୁକ୍ତି ନାହିଁ ଯେ ସଂପ୍ରତି କୃଷି ସର୍ବାଧିକ ଦୁଃସାହସ ଲୋଡୁଥିବା ଏକ ବୃତ୍ତିରେ ପରିଣତ ହୋଇଛି, ଯହିଁରେ ଆୟର ଆକଳନ ସଂପୂର୍ଣ୍ଣ ଅନିଶ୍ଚିତ। ଦ୍ୱିତୀୟ ବିଷୟ ହେଲା ଭାରତୀୟ କୃଷକମାନଙ୍କୁ ଯଦି 'ମୌସୁମୀ' ଓ 'ମାର୍କେଟ୍ ?' ଭଳି ଦୁଇଟି ସଂପୂର୍ଣ୍ଣ ବିଶ୍ୱାସ-ଅଯୋଗ୍ୟ ଅବଲମ୍ବନ ଉପରେ ଭରା ଦେଇ ଦଣ୍ଡାୟମାନ ରହିବାକୁ ଛାଡ଼ି ଦିଆଯାଏ, ତେବେ ସେମାନଙ୍କ ସ୍ଥିତି ଭୁଶୁଡ଼ି ପଡ଼ିବା ଅନିବାର୍ଯ୍ୟ। ତେଣୁ, 'ଏମ୍.ଏସ୍.ପି.'କୁ ଏକ ତ୍ରାଣକର୍ତ୍ତା ରୂପେ ଦେଖାଯାଇପାରେ। କିନ୍ତୁ ଅନେ ?ନକଙ୍କ ମତରେ 'ଏମ୍.ଏସ୍.ପି.' ପରିବର୍ତ୍ତେ 'ବଜାର ଦର ସ୍ଥିରୀକରଣ'କୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ, ଯାହା ଦୁର୍ଭାଗ୍ୟଜନକ ଭାବେ ଏ ଯାବତ୍ ଖାଉଟି-କୈନ୍ଦ୍ରିକ ହୋଇ ରହିଛି। ଉଦାହରଣ ସ୍ୱରୂପ ପିଆଜ ଦର କିଲୋଗ୍ରାମ ପ୍ରତି ୫୦ ଟଙ୍କା ହୋଇଗଲେ ସରକାର ଖାଉଟିଙ୍କ ଲାଗି ସବସିଡି ଦେଇ ଦରକୁ ୨୫ ଟଙ୍କାକୁ ହ୍ରାସ କରି ଦିଅନ୍ତି ସିନା, ଅମଳ କାଳରେ ପିଆଜ ଦର ଖସି କିଲୋ ପ୍ରତି ୫ ଟଙ୍କା ହୋଇଗଲେ ଚାଷୀମାନଙ୍କ ସକାଶେ କୌଣସି ସାନ୍ତ୍ୱନା-ପ୍ରଦାୟୀ ପ୍ରାବଧାନ କରାଯାଇ ନ ଥାଏ; ବଜାର ଦରକୁ ସ୍ଥିର ରଖିବା ଉଦ୍ଦେଶ୍ୟରେ ଆମ ଦେଶରେ ୫୦୦୦ କୋଟି ଟଙ୍କାର ଏକ ପାଣ୍ଠି ଉପଲବ୍ ?ଧ ଥିଲେ ସୁଦ୍ଧା ତହିଁରୁ ପିଆଜ ଲାଗି କିଲୋ ପ୍ରତି ଚାଷୀ ହରାଉଥିବା ୨୦ ଟଙ୍କା ତାକୁ ପ୍ରଦାନ କରାଯାଇ ନ ଥାଏ।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
**ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ**
**ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ**

# ନାଇଁ ନାଇଁ ମଦ ପିଇବି ନାଇଁ...

**ଜାନକୀଶ ବଡ଼ପଣ୍ଡା**

**ଭାଇ...ରେ ମଦ ପିଇବି ନାଇଁ... ନାଇଁ ନାଇଁ ମଦ ପିଇବି ନାହିଁ... ମଦୁଆ ହେବି ନାଇଁ, ମଦୁଆ ହେବି ନାଇଁ... ଚାଳରେ ଛଅଣ ନାଇଁ... ଚୁଲି ମୁଣ୍ଡେ ଲୁଣ ନାଇଁ... ଚୁଲିରେ ବିଲେଇ ଶୋଇଛି, ଚାଳ ପଟେ ଯହ୍ନ ଦିଶୁଛି...ବନ୍ଧୁ ରେ... ମଦ ପିଇବି ନାଇଁ...ନାଇଁ ନାଇଁ ମଦ ପିଇବି ନାଇଁ। ପିଲା ପେଟେ ଦାନା ନାଇଁ... ମାଇକିନା ହାତେ କନା ନାଇଁ... ଭାଇ...ରେ ମଦ ପିଇବି ନାଇଁ...**



ଏମିତି ଲୋକପ୍ରିୟ ଗୀତଟେ ଅନେକଙ୍କ କାନରେ ପଡ଼ିଥିବ। ନବେ ଦଶକରେ ମଦ ବିରୋଧରେ ଦୂରଦର୍ଶନ ମାଧ୍ୟମରେ ପ୍ରସାରିତ ଏହି ସଚେତନତା ଧର୍ମୀ ଗୀତଟିକୁ ଆଜି ବି ଗୁଣୁଗୁଣାନ୍ତି ଅନେକ ଓଡ଼ିଆ। ସଂସାର ଓ ସମାଜକୁ ଉଜାଡୁଥିବା ମଦରାକ୍ଷସ କବଳରୁ ମଣିଷକୁ ରକ୍ଷା କରିବାର ମହତ ଉଦ୍ଦେଶ୍ୟ ନେଇ ୧୯୯୯ ମସିହାରେ ଦୁଇ ଯାଆଁଳା ଭାଇ ଶାନ୍ତି ପ୍ରକାଶ ଓ ଜ୍ୟୋତି ପ୍ରକାଶ ଗାଇଥିବା ସାଧାରଣ ଗୀତଟି ଯେ ଅନେକ ଜୀବନକୁ ସଚେତନ କରିଥିଲା, ତାହା ସଭିଏଁ ସ୍ୱୀକାର କରନ୍ତି। କୋରାପୁଟ ଜିଲ୍ଲାର ଭେଜାପୁଟ ଗ୍ରାମରେ ଜନ୍ମରୁ ବଢ଼ି ଆସିଥିବା ଏହି ଦୁଇ ଭାଇଙ୍କ ଚେହେରା ଓ ଚଳଣିରୁ ଦୈନ୍ୟ ଅପେକ୍ଷା ସମାଜ ସଂସ୍କାର ପାଇଁ ପ୍ରତିବଦ୍ଧତା ଓ ଆତ୍ମବିଶ୍ୱାସ ଆଜି ବି ବାରି ହୋଇପଡ଼େ।

ଓଡ଼ିଶାରେ ୧୯୯୯ଠାରୁ ୨୦୨୩ ମଧ୍ୟରେ କେବଳ ସରକାର ବଦଳି ନାହିଁ, ବଢ଼ି ଚାଲିଛି ମଦ୍ୟପାନ ପ୍ରତି ଲୋକଙ୍କ ଅହେତୁକ ଆକର୍ଷଣ ଓ ସରକାରୀ ପ୍ରୋତ୍ସାହନ। ଓଡ଼ିଶାରେ ବଢ଼ିଛି ମଦ୍ୟପଙ୍କ ସଂଖ୍ୟା। କେବଳ ଗତ ୩ ବର୍ଷରେ ମହିଳାଙ୍କ ମଧ୍ୟରେ ମଧ ମଦ୍ୟପାନ ହାର ବଢ଼ିଯାଇଛି ଦୁଇ ଗୁଣ ! ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ମଦ୍ୟପଙ୍କ ସଂଖ୍ୟା ଅଧିକ ହୋଇଛି। ମଦ ଦୋକାନୀଙ୍କ ପାଇଁ ଧାର୍ଯ୍ୟ କରାଯାଉଥିବା ନିଶ୍ଚିତ ସର୍ବନିମ୍ନ କୋଟା (ଏମଜିକ୍ୟୁ) ଅପେକ୍ଷା ସେମାନେ ତାହାର ଦୁଇ ଗୁଣରୁ ଅଧିକ ମଦ କିଣି ଆଣୁଛନ୍ତି ଓଡ଼ିଶା ମଦ ନିଗମ ଗୋଦାମରୁ। ନ୍ୟାସନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍) ରିପୋର୍ଟରେ ଓଡ଼ିଶା ଏଭଳି ସ୍ଥିତିରେ ପହଞ୍ଚି ଥିବାର ଜଣାଯାଇଛି। ମଦ୍ୟପାନ ବୃଦ୍ଧିହାର ନିଶ୍ଚୟ ଚିନ୍ତାଜନକ। ଅଧିକ ଉଦବେଗଜନକ କଥାଟି ହେଲା ଯେ ରାଜ୍ୟରେ ମହିଳାମାନଙ୍କ ମଧ୍ୟରେ ମଦ୍ୟପାନ ବୃଦ୍ଧି ପାଇଛି। ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ପୁରୁଷ ଓ ମହିଳା ଅଧିକ ମଦ୍ୟପାନ କରୁଥିବା ତଥ୍ୟ ମିଳିଛି। ତିନିବର୍ଷ ତଳେ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ମଦ୍ୟପାନ ହାର ୨.୬ ପ୍ରତିଶତ ଥିବା ବେଳେ ଏବେ ଏହା ୪.୯ ପ୍ରତିଶତକୁ ବୃଦ୍ଧି ପାଇଛି। ସହରାଞ୍ଚଳରେ ପୁରୁଷଙ୍କ ମଧ୍ୟରେ ମଦ୍ୟପାନ ହାର ୨୮.୮ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ଏହା ୩୦.୨ ପ୍ରତିଶତକୁ ବଢ଼ିଛି।

ଅବକାରୀ ବିଭାଗର ତଥ୍ୟ ମଧ ଏନ୍‌ଏଫ୍‌ଏଚ୍‌ଏସ୍ ତଥ୍ୟ ସହ ମେଳ ଖାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ 'ଭାରତରେ ପ୍ରସ୍ତୁତ ବିଦେଶୀ ମଦ' (ଆଇଏମ୍‌ଏଫ୍‌ଏଲ୍) ପାଇଁ ଏମ୍‌ଜିକ୍ୟୁ ୧୦,୧୦,୦୯୬ ଲିଟର ଧାର୍ଯ୍ୟ କରାଯାଇଥିଲେ ହେଁ ମଦ ବ୍ୟବସାୟୀମାନେ ୨୩,୫୧,୮୯୪ ଲିଟର ଉଠାଇଥିଲେ। ସେହିଭଳି ୧୫,୭୭,୫୯୦ ଲିଟର ବିଅର୍ ସ୍ଥାନରେ ଉଠାଇଥିଲେ ୧୯,୯୬,୨୨୧ ଲିଟର। ପରବର୍ତ୍ତୀ ବର୍ଷ ୨୦୨୧-୨୨ରେ ଏନ୍‌ଏଫ୍‌ଏଚ୍‌ଏସ୍ ୧୪,୧୪,୩୮୫ ଲିଟର ସ୍ଥାନରେ ୨୭,୯୮,୧୬୦ ଲିଟର ଓ ବିଅର୍ କୋଟା ୨୨,୨୭,୫୫୯ ଲିଟର ସ୍ଥାନରେ ୨୯,୪୦,୧୧୨ ଲିଟର ଉଠାଣ କରାଯାଇଥିଲା। ୨୦୨୨-୨୩ରେ ଆଇଏମ୍‌ଏଫ୍‌ଏଲ୍ କୋଟା ୧୬,୬୪,୨୭୨ ଲିଟର୍ ଧାର୍ଯ୍ୟ ହୋଇଥିବା ବେଳେ ଏହାର ପ୍ରାୟ ଦୁଇଗୁଣ ଅର୍ଥାତ ୩୦,୫୧,୨୯୮ ଲିଟର ଭାରତ ତିଆରି ବିଦେଶୀ ମଦ ଉଠାଣ କରାଯାଇଥିଲା। ସେହିପରି ୨୬,୨୯,୦୬୨ ଲିଟର ବିଅର ସ୍ଥାନରେ ଦୁଇଗୁଣରୁ ଅଧିକ ଅର୍ଥାତ ୫୫,୧୬,୨୨୦ ଲିଟର ବିଅର୍ ଉଠାଣ କରାଯାଇଥିଲା। ଗଲା ତିନି ବର୍ଷରେ ମଦବିକ୍ରୀ ୩୦ ପ୍ରତିଶତ ହାରରେ ବଢ଼ିବା ସହିତ ରାଜ୍ୟରେ ଦେଶୀ, ବିଦେଶୀ ମଦଦୋକାନ ଓ ବାର୍ ସଂଖ୍ୟା ମଧ ବୃଦ୍ଧି ପାଇଛି।

ଗ୍ରାମାଞ୍ଚଳ ଲୋକମାନଙ୍କୁ ମଦ କିଣିବା ପାଇଁ ଆଉ ସହରାଞ୍ଚଳ ଦୋକାନକୁ ଯିବାକୁ ପଡୁନି। ନିଜ ଗାଁରେ ମଦଦୋକାନ ଖୋଲିସାରିଛି। ଏଣୁ ମଦ ବିରୋଧୀମାନେ ସରକାର ମଦୁଆଙ୍କୁ ସହଜରେ ମଦ ମିଳିବାର ସୁବିଧା ଦେଇଥିବାରୁ ଉଦବେଗ ପ୍ରକାଶ କରି ଆସୁଛନ୍ତି। ଯଦିଓ, ଓଡ଼ିଶା ଅବକାରୀ ନୀତି-୨୦୨୩-୨୪ରେ ଗ୍ରାମାଞ୍ଚଳରେ ନୂଆ ମଦଦୋକାନ ଖୋଲିବାକୁ ନିରୁତ୍ସାହିତ ବ୍ୟବସ୍ଥା ଅଛି, ମାତ୍ର ପୂର୍ବରୁ ଖୋଲିଥିବା ମଦ ଦୋକାନଗୁଡିକର ମଦ ଉଠାଣ କୋଟା ବଢ଼ିଯାଇଛି। ଅବକାରୀ ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ନେଲା ଭଳି ଦେଖାଯାଉ ନଥିବାରୁ ଗ୍ରାମାଞ୍ଚଳରେ ଅବୈଧ ଓ ଚୋରା ମଦ ବେପାରୀଙ୍କ ପ୍ରାଦୁର୍ଭାବ ବଢ଼ିଛି।

ଓଡ଼ିଶା ସରକାରଙ୍କ ପକ୍ଷରୁ ବିଧାନସଭାରେ ଦିଆଯାଇଥିବା ସୂଚନା ଅନୁସାରେ, ୨୦୧୧-୧୨ ଆର୍ଥିକ ବର୍ଷରେ ରାଜ୍ୟର ଅବକାରୀ ଆୟ ଥିଲା ୧୩୭୯.୯୧ କୋଟି ଟଙ୍କା। ଗତ ୨୦୨୨-୨୩ ବର୍ଷ ବେଳକୁ ଏହା ୨୬୮ ପ୍ରତିଶତ ବଢ଼ିଯାଇ ପହଞ୍ଚିଛି ୬୪୫୫.୦୬ କୋଟି ଟଙ୍କାରେ। ସେତେବେଳକୁ ୫୦୯ଟି ମୁଖ୍ୟ ମଦ ଦୋକାନ, ୧୨୪୦ଟି ଶାଖା ଦୋକାନ, ୩୫ଟି ପ୍ରତିରକ୍ଷା ବିପଣୀ, ୪୬ଟି ବିଅର ପାର୍ଲର ଓ ୬୭୩ଟି ଠିପିଖୋଲା ବିଅର ବିକ୍ରିକେନ୍ଦ୍ର ଥିଲା। ମଦ ନିଗମର ତଥ୍ୟ ଅନୁସାରେ ରାଜ୍ୟରେ ୨୧୫ଟି ଠିପିବନ୍ଦ ଦେଶୀମଦ ଦୋକାନ ମଧ ରହିଛି; ଯାହାର ପ୍ରକୃତ ସଂଖ୍ୟା ବହୁଗୁଣ ଅଧିକ।

ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମିଜୋରାମରେ ୧୮ ବର୍ଷ ଧରି କାର୍ଯ୍ୟକାରୀ ହେବା ପରେ ବିଫଳ ମଦନିଷେଧ ନୀତି ୨୦୧୬ ମସିହାରୁ ପ୍ରତ୍ୟାହାର କରାଯାଇଛି ଓ ଅବାଧ ମଦ ବିକ୍ରୀକୁ ଅନୁମତି ମିଳିଛି। କୋଚିଆଙ୍କ ବର୍ଦ୍ଧିତ ପ୍ରାଦୁର୍ଭାବ, ବେଆଇନ ମଦଭାଟିର ସଂଖ୍ୟାବୃଦ୍ଧି ଓ ଅବକାରୀ ଆୟ ହ୍ରାସ ଏଥିପାଇଁ ଦାୟୀ। ମିଜୋରାମର ଲୋକ ପ୍ରାୟତଃ ଖ୍ରୀଷ୍ଟ ଧର୍ମାବଲମ୍ବୀ ଓ ଚର୍ଚ୍ଚଗୁଡ଼ିକ ମଧ ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ମଦବିରୋଧୀ ଆଭିମୁଖ୍ୟ ପରିବର୍ତ୍ତନ କରିଛନ୍ତି।

ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥାନ ଗୁଜରାତରେ ଭାରତୀୟ ସମ୍ବିଧାନରେ ଉଲ୍ଲିଖିତ ରାଜ୍ୟମାନଙ୍କର ଅଧିକାର ପ୍ରୟୋଗକରି ୧୯୬୦ ମସିହାରୁ ସମ୍ପୂର୍ଣ୍ଣ ନିଶା ନିବାରଣ କାର୍ଯ୍ୟକାରୀ କରିବା ଏକ ଉଲ୍ଲେଖଯୋଗ୍ୟ ଘଟଣା। ତଥାପି ସେଠାରେ ମଦର ପ୍ରାବଲ୍ୟ ନଥିଲେ ହେଁ ଉପସ୍ଥିତି ରହିଛି। ସେଠାରେ ଖାଇବା ପାଇଁ ଖାଦ୍ୟ ହୁଏତ ମିଳି ନପାରେ, କିନ୍ତୁ ମଦ ମିଳିବା ସହଜ ! ଫୋନ କରିଦେଲେ କୁଆଡ଼େ ଘରେ ପହଞ୍ଚି ଯାଏ ମଦ ବୋତଲ ବୋଲି ଏକ ସର୍ବେକ୍ଷଣରୁ ଜଣାଯାଏ। କୁହାଯାଏ ଯେ, ଗୁଜରାତବାସୀ ମଦ ଛୁଅଁନ୍ତି ନାହିଁ; କିନ୍ତୁ ସେଠାରେ ବସବାସ କରୁଥିବା ଅନ୍ୟାନ୍ୟ ରାଜ୍ୟର ଶିଳ୍ପ ଶ୍ରମିକମାନେ ଚୋରାରେ ମଦ ଘରକୁ ମଗାଇ ଥାଆନ୍ତି।

ଆନ୍ଧ୍ର ପ୍ରଦେଶରେ ୧୯୯୨ରୁ କିଛି ବର୍ଷ ପାଇଁ ମଦ୍ୟପାନ ଉପରେ ଅଙ୍କୁଶ ଲାଗିଥିଲା। ସାମାଜ ସୁଧାରକ ଓ ମହିଳାମାନଙ୍କ ପକ୍ଷରୁ ପ୍ରବଳ ଦାବୀ ହେବାରୁ ସମ୍ପୂର୍ଣ୍ଣ ନିଶା ନିବାରଣ କରାଯାଇଥିଲେ ହେଁ, ମୁଖ୍ୟତଃ ରାଜସ୍ୱ ଆଦାୟ ବଢ଼ାଇବାକୁ ମଦ ଉପରୁ ନିୟନ୍ତ୍ରଣ ହଟାଇବାକୁ ବାଧ୍ୟ ହୋଇଥିଲେ ଏନଟିଆରଙ୍କ ତେଲୁଗୁ ଦେଶମ ସରକାର। ଆନ୍ଧ୍ର ପ୍ରଦେଶ ସରକାର ମଦ ଉପରେ ଅଙ୍କୁଶ ଲଗାଇ ଥିବାରୁ ଆନ୍ଧ୍ରର ମାଦ୍ୟପମାନେ ପାରଳାଖେମୁଣ୍ଡିରେ ମଦପିଇ ରାସ୍ତା ଘାଟରେ ଗଡୁଥିଲେ।

ମଦ ପ୍ରସ୍ତୁତି ପାଇଁ ବାଙ୍ଗାଲୋରରେ ଅଛି ଅନେକ ଶିଳ୍ପ ସଂସ୍ଥା। ସେଠାରେ ବାରମ୍ବାର ମଦବିକ୍ରି ଉପରେ ନିଷେଧାଦେଶ ଆସିଛି ଓ ପ୍ରତ୍ୟାହୃତ ବି ହୋଇଛି। ସେଠାରେ ଭାଟିମଦ ପ୍ରସ୍ତୁତି ଓ ବିକ୍ରି ବେଆଇନ ଘୋଷିତ ହୋଇଛି। ଦିନ ଥିଲା, କେରଳରେ ସବୁଠୁ ଅଧିକ ମଦ ବିକ୍ରି ହେଉଥିଲା। ୨୦୧୭ଠାରୁ କେବଳ ପର୍ଯ୍ୟଟକଙ୍କ ପାଇଁ ତାରକା ହୋଟେଲ ବ୍ୟତୀତ ଅନ୍ୟ ସ୍ଥାନରେ ମଦ ବିକ୍ରି ନିଷେଧ କରାଯାଇଛି। ଫଳରେ ରାଜ୍ୟ ସରକାର ବାର୍ଷିକ ୮-୧୦ ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି।

ତାମିଲନାଡୁର ନିଶା ନିବାରଣର ଦୋଳି ଖେଳ ଅତ୍ୟନ୍ତ ରୋଚକ। ୧୯୫୭ ମସିହାରେ ମୁଖ୍ୟମନ୍ତ୍ରୀ ଥିଲେ ଚକ୍ରବର୍ତ୍ତୀ ରାଜ ଗୋପାଳାଚାରୀ। ସେ ୧୯୩୭ ମସିହାରେ ମାଡ୍ରାସ ପ୍ରେସିଡେନ୍ସି ଅମଳର ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିଥିଲେ। ରାଜ୍ୟରେ ମଦ ନିଷିଦ୍ଧ ହୋଇଗଲା। ୧୯୭୧ରେ ଡିଏମକେ କ୍ଷମତାକୁ ଆସିବା ପରେ ପୁନର୍ବାର ମଦ ପ୍ରସ୍ତୁତି ଓ ବିକ୍ରି ଆରମ୍ଭ ହେଲା। ସେବେଠୁ ନିଶା ନିବାରଣ ଏକ ରାଜନୈତିକ ପ୍ରସଙ୍ଗ ପାଲଟି ଯାଇଛି ତାମିଲନାଡୁରେ। ୧୯୭୩ରେ ରାଜ୍ୟ ସରକାର ମଦ ନିବାରଣ ପୁଣି ଥରେ କାର୍ଯ୍ୟକାରୀ କଲେ।

ଆମ ଦେଶର ସମ୍ବିଧାନ ଅନୁସାରେ 'ମଦ' ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱାଧୀନ ବିଷୟ ହୋଇଥିବାରୁ ରାଜ୍ୟମାନେ ମଦମୁକ୍ତି ପାଇଁ ଆଇନ କରିପାରିବେ। ତଥାପି, ଆମ ଦେଶର ସମୁଦାୟ ୨୯ଟି ରାଜ୍ୟ ମଧ୍ୟରୁ ୨୪ଟି ରାଜ୍ୟ ସରକାର ଅବାଧ ମଦ ବିକ୍ରିପାଇଁ ଆଗ୍ରହୀ। ଯେଉଁସବୁ ରାଜ୍ୟରେ ମଦମୁକ୍ତି ଆଇନ କରାଯାଇଛି, ସେଠାରେ ଲୁଚା ଚୋରାରେ ମଦ ମିଳୁଛି, ବିଷାକ୍ତ ମଦ ପିଇ ଲୋକମାନେ ମୃତ୍ୟୁମୁଖରେ ପଡୁଛନ୍ତି। ଅନ୍ୟପକ୍ଷରେ ରାଜ୍ୟମାନେ ମଦ ବିକ୍ରି ପ୍ରୋତ୍ସାହିତ କରିବା କାରଣରୁ, ଗରିବ ଲୋକମାନେ ସମସ୍ତ ରୋଜଗାର ଅର୍ଥ ମଦ୍ୟପାନରେ ଖର୍ଚ୍ଚ କରି ତଳିତଳାନ୍ତ ହେଉଛନ୍ତି, ପ୍ରତ୍ୟେକ ଘରେ ଅଶାନ୍ତି ବଢୁଛି। ରାସ୍ତା ଦୁର୍ଘଟଣା ଓ ସାମାଜିକ ବିଶୃଙ୍ଖଳା ବଢ଼ିବା ସହିତ ମଦ୍ୟପଙ୍କ ସ୍ୱାସ୍ଥ୍ୟ ସମସ୍ୟା ବଢୁଛି। ମହିଳାମାନେ ଅସୁରକ୍ଷିତ ହେବା ସହ ଯୁବ ସମାଜ ପଥଭ୍ରଷ୍ଟ ହେଉଛି। ସରକାର ଯେତିକି ଅଧିକ ରାଜସ୍ୱ ପାଉଛନ୍ତି, ସେତିକି ଖର୍ଚ୍ଚ କରୁଛନ୍ତି ଚିକିତ୍ସା ବାବଦରେ। ଗୋଦରା କୋଡ଼େ ଯେତେ ମାଡ଼େ ସେତେ ଭଳି ଅବସ୍ଥା। ଅଧିକ ରାଜସ୍ୱ ଆଦାୟ, ପ୍ରଶାସନିକ ଅସହାୟତା ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଆମେ ମଦ ବିକ୍ରୀକୁ ପ୍ରୋତ୍ସାହିତ କରିବା ନା ଦେଶବାସୀଙ୍କ କ୍ଷୁଧା ତଥା ଅପପୁଷ୍ଟି ଦୂର କରିବା ପାଇଁ ସମସ୍ତ ରାଜ୍ୟଙ୍କ ସହଯୋଗରେ ମଦମୁକ୍ତ ଭାରତ ନିର୍ମାଣ ପାଇଁ ଏକ ଦୀର୍ଘ ମିଆଦି ଯୋଜନା କରି ୨୦୪୭ ସୁଦ୍ଧା ଦେଶରେ ସମ୍ପୂର୍ଣ୍ଣ ନିଶା ନିବାରଣ କରିବା ତାହା ବିଚାର୍ଯ୍ୟ। ଆଜି କେନ୍ଦ୍ର ସରକାରଙ୍କ 'ଗୋଟିଏ ଦେଶ, ଗୋଟିଏ ଆଇନ ଓ ନୀତି' ଅନ୍ତତଃ ମଦମୁକ୍ତ-କ୍ଷୁଧାମୁକ୍ତ ଭାରତ ଗଠନ ପାଇଁ ବ୍ୟବହାର ହେବାର ସମୟ ଆସିଛି। କେନ୍ଦ୍ର ସରକାର ସମସ୍ତ ରାଜ୍ୟ ସରକାରଙ୍କ ସହମତିରେ ସମଗ୍ର ଦେଶରେ ସମ୍ପୂର୍ଣ୍ଣ ନିଶା ନିବାରଣ କାର୍ଯ୍ୟକାରୀ କରି ପାରିଲେ, ଭାରତ ବିଶ୍ୱଗୁରୁ ହେବ ସମ୍ଭବ ହେବ।

**ଫୋ- ୯୪୩୮୨୯୯୦୩୭**

ଭାଗ-୧ । ସଂଖ୍ୟା-୧୫ । ଭୁବନେଶ୍ୱର । ୨୬ ଫେବୃଆରୀ ରୁ ୩ ମାର୍ଚ୍ଚ ୨୦୨୪
Vol-1 | Issue-15 | Bhubaneswar | 26 Feb. to 3 March 2024

# କର୍ଣ୍ଣାଟକରେ ବନ୍ଦ ହେବ ହୁକା ବାର୍

**ନୂଆଦିଲ୍ଲୀ:** ପୂରା ରାଜ୍ୟରେ ବ୍ୟାନ ହେବ ହୁକା ବାର। ଉଲ୍ଲଙ୍ଘନକାରୀଙ୍କୁ ଜେଲ ସହ ମିଳିବ ଆର୍ଥିକ ଦଣ୍ଡ। ସେହିପରି ୨୧ ବର୍ଷରୁ କମ ବୟସ୍କଙ୍କୁ କେହି ବି ସିଗାରେଟ କିମ୍ବା କୌଣସି ଗୁଟଖା ବିକ୍ରି କରିପାରିବେ ନାହିଁ। ଏପରି କଡ଼ା ନିୟମ ପ୍ରଣୟନ କରିବାକୁ ଯାଉଛନ୍ତି କର୍ଣ୍ଣାଟକା ସରକାର। ଏହା ସହ ଜଡ଼ିତ ଗୋଟିଏ ବିଲ କର୍ଣ୍ଣାଟକା ବିଧାନସଭାରେ ପାରିତ ହୋଇଛି।



ରାଜ୍ୟ ସରକାର ବର୍ତ୍ତମାନ ପ୍ରଚଳିତ ଥିବା Cigarettes and Other Tobacco Products Act (COTPA)ରେ ସଂଶୋଧନ କରିଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟ ଓ ତମ୍ବାକୁ ଦ୍ରବ୍ୟ ଜନିତ ରୋଗକୁ ଦୃଷ୍ଟିରେ ରଖି ସରକାର ବିଲ୍ ଦ୍ୱାରା କଟକଣା ଲଗାଇଛନ୍ତି। ବିଲ୍‌ରେ କୁହାଯାଇଛି ରାଜ୍ୟରେ ଆଉ କୌଣସି ସ୍ଥାନରେ ହୁକା ବାର୍ ଚାଲି ପାରିବ ନାହିଁ। ଯଦି କେହି ଏହି ନିୟମକୁ ଉଲ୍ଲଙ୍ଘନ କରନ୍ତି, ତା'ହେଲେ ସେମାନଙ୍କୁ ଗୋଟିଏ ବର୍ଷରୁ ୩ ବର୍ଷ ଯାଏ ଜେଲ ଓ ୧ ଲକ୍ଷ ଟଙ୍କା ଯାଏ ଜୋରିମାନା ଦେବାକୁ ପଡ଼ିବ।

ଏହାବାଦ ୨୧ ବର୍ଷରୁ କମ ବୟସ୍କ ପିଲାଙ୍କୁ ସିଗାରେଟ ଓ ଅନ୍ୟ ତମ୍ବାକୁ ଜାତୀୟ ଦ୍ରବ୍ୟ ବିକ୍ରି ଉପରେ ମଧ୍ୟ ରୋକ ଲଗାଯାଇଛି। ସଂଶୋଧନ ଦ୍ୱାରା ନିୟମ ପ୍ରଣୟନ କରାଯାଇଛି ଯେ ସର୍ବସାଧାରଣରେ କେହି ତମ୍ବାକୁ ବ୍ୟବହାର କରିପାରିବେ ନାହିଁ। ପରିବେଶକୁ ସ୍ୱଚ୍ଛ ଓ ଧୂଆଁ ମୁକ୍ତ ରଖିବା ପାଇଁ ସରକାର ଏପରି ବ୍ୟବସ୍ଥା କରିଛନ୍ତି। ଶିକ୍ଷାନୁଷ୍ଠାନ ଠାରୁ ୧୦୦ ମିଟର ପରିସୀମା ମଧ୍ୟରେ କେହି ବି ସିଗାରେଟ କିମ୍ବା ଗୁଟଖା ଦୋକାନ ଖୋଲି ପାରିବେ ନାହିଁ। ଉଲ୍ଲଙ୍ଘନକାରୀଙ୍କୁ ଏଥିପାଇଁ ୧ ହଜାର ଟଙ୍କା ଫାଇନ ଦେବାକୁ ପଡ଼ିବ ବୋଲି କର୍ଣ୍ଣାଟକା ସରକାର କହିଛନ୍ତି।

କର୍ଣ୍ଣାଟକା ମନ୍ତ୍ରୀ ତଥା କଂଗ୍ରେସ ନେତା ପ୍ରିୟଙ୍କ ଖଡଗେ କହିଛନ୍ତି, "ଏସବୁ ନିଷ୍ପତ୍ତି ସରକାର ନେଇଛନ୍ତି। ଅନେକ କିଶୋର/କିଶୋରୀ ଏସବୁ ସ୍ଥାନକୁ ଯାଉଛନ୍ତି। ସରକାର ସମସ୍ତଙ୍କର ସ୍ୱାସ୍ଥ୍ୟ ଓ ଆଇନ ଶୃଙ୍ଖଳା ସ୍ଥିତିକୁ ଦେଖି ଏପରି ନିଷ୍ପତ୍ତି ନେଇଛନ୍ତି।

୨୦୨୪ ଫେବୃଆରୀ ମାସରେ ତେଲଙ୍ଗାନା ସରକାର ସମାନ ଢଙ୍ଗରେ ସମସ୍ତ ପ୍ରକାରର ହୁକା ବାର୍ ଉପରେ ବ୍ୟାନ ଲଗାଇଥିଲେ। ହୋଟେଲ, ରେଷ୍ଟୁରାଣ୍ଟ, ବାର ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଗ୍ରାହକମାନଙ୍କୁ ହୁକାନ ଦେବାକୁ ମଧ୍ୟ ହରିଆଣା ସରକାର ନିୟମ ପ୍ରଣୟନ କରିଛନ୍ତି।

## ନୃଶଂସ, ବାପାଙ୍କ ସମେତ ପରିବାରର ୧୨ ଜଣଙ୍କୁ ଗୁଳି କଲା ପୁଅ

**ଇରାନ୍:** ନୃଶଂସ ପାଲଟିଲା ପୁଅ। ଜନ୍ମ କଲା ବାପାକୁ ବି ଛାଡିଲାନି। ବାପାଙ୍କ ସମେତ ପରିବାରର ୧୨ ଜଣଙ୍କୁ ଗୁଳି କରି ହତ୍ୟା କଲା ପିଶାଚ ପୁଅ। ଏଭଳି କିଛି ହିଂସାତ୍ମକ ଘଟଣା ଘଟିଛି ଇରାନାରେ।

ଦକ୍ଷିଣପୂର୍ବ ଇରାନର ଏକ ଗ୍ରାମାଞ୍ଚଳରେ ଏହି ହତ୍ୟାକଣ୍ଡ ଘଟିଛି। ଜଣେ ୩୦ ବର୍ଷୀୟ ବ୍ୟକ୍ତି ନିଜ ପରିବାରର ୧୨ ଜଣଙ୍କୁ ଗୁଳି କରି ହତ୍ୟା କରିଥିବା ସୂଚନା ମିଳିଛି। ପାରିବାରିକ କଳହ ଯୋଗୁଁ ବ୍ୟକ୍ତି ଜଣକ ନିଜ ବାପା, ଭାଇ ଏବଂ ପରିବାରର ଅନ୍ୟ ଦସ୍ୟଙ୍କ ଉପରକୁ ଗୁଳି ମାଡ



କରିଥିବା ଜଣାପଡିଛି। କରମାନ ନ୍ୟାୟ ବିଭାଗ ପ୍ରଦେଶର ମୁଖ୍ୟ ଇବ୍ରାହିମ ହମିଦ ଏନେଇ ସୂଚନା ଦେଇଛନ୍ତି।

ତାଙ୍କ କହିବା ମୁତାବକ, ଆକ୍ରମଣକାରୀ କିଏ ସେ ନେଇ ଚିହ୍ନଟ ହୋଇପାରି ନଥିବା ବେଳେ ସେ କାଲାସନିକୋଭ ରାଇଫଲ ଏକେ-୪୭ ରାଇଫଲ ବ୍ୟବହାର କରିଥିବା ଜଣାପଡିଛି। ପରେ ଦକ୍ଷିଣ-ମଧ୍ୟ ପ୍ରଦେଶର କିରମାନ ପ୍ରଦେଶରେ ସୁରକ୍ଷା ବାହିନୀ ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି।

ଇରାନର ଗ୍ରାମାଞ୍ଚଳରେ ଗଣହତ୍ୟା ଘଟିବା ବିରଳ। ଏଠାକାର ଲୋକଙ୍କ କେବଳ ଶିକାର ପାଇଁ ବ୍ୟବହୃତ ବନ୍ଧୁକ ରଖିବା ଅଧିକାର ରହିଛି। ଏଭଳି ସ୍ଥିତିରେ ଏହି ହତ୍ୟାକାରୀ ବ୍ୟକ୍ତି ଜଣକ କାଲାସନିକୋଭ ରାଇଫଲ କେଉଁଠୁ ଆଣିଲେ ସେ ନେଇଁ ପ୍ରଶ୍ନ ଉଠିଛି।

### ଭାରତୀୟ ଛାତ୍ରୀଙ୍କୁ ହତ୍ୟା ମାମଲା

## ଅଭିଯୁକ୍ତ ଆମେରିକା ପୁଲିସଙ୍କ ବିରୁଦ୍ଧରେ ମିଳିଲାନି ପ୍ରମାଣ

ବହୁ ଚର୍ଚ୍ଚିତ ଜାହ୍ନବୀ କଣ୍ଡୁଲା ମୃତ୍ୟୁ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଅଦାଲତ। ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଦୀର୍ଘ ଏକ ବର୍ଷର ନ୍ୟାୟିକ ଲଢେଇ ମଧ୍ୟରେ ଏପରି ରାୟ ଶୁଣାଇଛନ୍ତି ଅଦାଲତ।





ଗତବର୍ଷ ଜାନୁଆରୀ ୨୩ରେ ଭାରତୀୟ ଯୁବତୀ ଜାହ୍ନବୀ କଣ୍ଡୁଲାଙ୍କର ଆମେରିକାରେ ମୃତ୍ୟୁ ଘଟିଥିଲା। ୱାଶିଂଟନର ଏକ କାର୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପ୍ରାଥମିକ ରିପୋର୍ଟ ଆସିଥିଲା। କିନ୍ତୁ ଘଟଣାର କିଛି ଦିନ ପରେ ଏକ ଭିଡିଓ ଭାଇରାଲ୍ ହୋଇଥିଲେ, ଯେଉଁଥିରେ ଜାହ୍ନବୀଙ୍କ ଉପରେ ମାଡି ଯାଇଥିବା କାର୍ ଆମେରିକ ପୁଲିସ କର୍ମଚାରୀଙ୍କର ବୋଲି ଜଣାପଡିଥିଲା।

ଦୁର୍ଘଟଣା ସମୟରେ ପୁଲିସ କର୍ମଚାରୀ କେଭିନ ଡାଭେ ଘଣ୍ଟାପ୍ରତି ୧୨୦ କିଲୋମିଟର ବେଗରେ ଗାଡ଼ି ଚଲାଉଥିଲେ। ଯେତେବେଳେ ଜାହ୍ନବୀଙ୍କ ଉପରେ ଗାଡ଼ି ମାଡ଼ି ଯାଇଥିଲା ସେତେବଳେ କେଭିନ ଖୁବ୍ ଜୋରରେ ହସିଥିବାର ଭିଡ଼ିଓ ସାମ୍ନାକୁ ଆସିଥିଲା। ଏହାପରେ ଭାରତ ସରକାରଙ୍କ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା।

ଏହି ମାମଲାକୁ ଉଭୟ ଆମେରିକା ଏବଂ ଭାରତ ସରକାରଙ୍କ ଓକିଲ ଲଢୁଥିଲେ। କିନ୍ତୁ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ପର୍ଯ୍ୟାପ୍ତ ପ୍ରମାଣ ଯୋଗାଡ଼ ହୋଇପାରି ନାହିଁ। ଫଳରେ ତାଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରାଯାଇ ପାରିବ ନାହିଁ ବୋଲି ଅଦାଲତ କହିଛନ୍ତି।

**ଜାହ୍ନବୀ କଣ୍ଡୁଲା କିଏ ?**

୨୩ ବର୍ଷୀୟ ଜାହ୍ନବୀ କଣ୍ଡୁଲା ଆନ୍ଧ୍ରପ୍ରଦେଶର ବାସିନ୍ଦା। ସେ ୨୦୨୧ରେ ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ ଅଧୀନରେ ଆମେରିକା ଯାଇଥିଲେ। ସେ ଆମେରିକାର ନର୍ଥଇଷ୍ଟର୍ନ ୟୁନିଭରସିଟିରେ ମାଷ୍ଟର ଡିଗ୍ରୀ ପଢୁଥିଲେ। ଏହି ସମୟରେ ୱାଶିଂଟନର ରାସ୍ତାରେ ଯିବା ସମୟରେ କାର୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବଢ଼ିଲା ଅଡୁଆ, ୩୫ କୋଟି ଜରିମାନା ଦେବେ ଟ୍ରମ୍ପ

**ନୂଆଦିଲ୍ଲୀ:** ବଢ଼ିଲା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଡୁଆ। ସିଭିଲ୍ ଠକେଇ ତଥା ନାଗିରକ ଠକେଇ ମାମଲରେ ତାଙ୍କୁ ଅଦାଲତରୁ ମିଳିଲା ଝଟ୍‌କା। ମୋଟା ଅଙ୍କର ଜରିମାନା ଦେବେ ଟ୍ରମ୍ପ। କୋର୍ଟ ତାଙ୍କ ଉପରେ ୩୫୫ ମିଲିଅନ ଡଲାର ଅର୍ଥାତ୍ ୩୫ କୋଟି ୫୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ସିଭିଲ୍ ଠକେଇ ମାମଲାରେ ଟ୍ରମ୍ପ ଏବଂ ଟ୍ରମ୍ପ ସଂଗଠନକୁ ଜରିମାନା ଦେବାକୁ ନ୍ୟୁୟର୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଟ୍ରମ୍ପଙ୍କୁ ତିନି ବର୍ଷ ଧରି ନ୍ୟୁୟର୍କରେ ଏକ କମ୍ପାନୀର ନିର୍ଦ୍ଦେଶକ ଭାବେ କାମ କରିବାକୁ ବାରଣ କରାଯାଇଛି।

ଡୋନାଲ୍ଡ ଟ୍ରମ୍ପଙ୍କ ବ୍ୟତୀତ ତାଙ୍କର ଦୁଇ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିଅର୍ ଓ ଏରିକ୍ ଟ୍ରମ୍ପଙ୍କ ଉପରେ ମଧ୍ୟ ଜରିମାନା ଲାଗିଛି। କୋର୍ଟ ଉଭୟଙ୍କୁ ୪ ମିଲିଅନ (୪କୋଟି) ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସେମାନଙ୍କୁ ଦୁଇ ବର୍ଷ ଧରି ନିର୍ଦ୍ଦେଶକ ଭାବେ କାମ କରିବାକୁ ବାରଣ କରାଯାଇଛି।


ଟ୍ରମ୍ପ ଓ ତାଙ୍କ ଦୁଇ ପୁଅଙ୍କ ବିରୋଧରେ ଜାନୁଆରୀ ଶେଷ ଆଡକୁ ଏକ ମାମଲା ରୁଜୁ ହୋଇଥିଲା। ଠକେଇ କରି ନିଜ ସମ୍ପତ୍ତିରେ ଶହ ଶହ କୋଟି ଡଲାର ବୃଦ୍ଧି କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ଟ୍ରମ୍ପ ଓ ତାଙ୍କ ଦୁଇ ପୁଅ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତେବେ ଏହି ଅଭିଯୋଗକୁ କିନ୍ତୁ ଡୋନାଲ୍ଡ ଟ୍ରମ୍ପ



ଓ ତାଙ୍କ ପୁଅମାନେ ଖଣ୍ଡନ କରିଛନ୍ତି। ଆମେ କୌଣସି ଭୁଲ୍ କରିନୁ ବୋଲି କହିଛନ୍ତି।

ସୂଚନା ମୁତାବକ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କର ଦୁଇ ପୁଅ ବ୍ୟାଙ୍କ ଏବଂ ଅନ୍ୟାନ୍ୟ କମ୍ପାନୀକୁ ଠକିବା ସହ ସେମାନଙ୍କର ରିଅଲ ଇଷ୍ଟେଟ୍ ବ୍ୟବସାୟକୁ ବଢ଼ାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସେମାନେ ଲାଭ ପାଇଁ ନିଜର ସମ୍ପତ୍ତିକୁ ଅତ୍ୟଧିକ ବଢ଼ାଇ ଚଢ଼ାଇ ଦର୍ଶାଇଛନ୍ତି। ୨୦୨୩ ମସିହାରେ ଏହି ମାମଲାରେ ଏକ ମାସ ଧରି ଶୁଣାଣି ପରେ ଜଷ୍ଟିସ୍ ଆର୍ଥର ଏଙ୍ଗୋରୋନ ଏହି ମାମଲାରେ ଯୁକ୍ତି ବନ୍ଦ କରିଦେଇଥିଲେ।

# ଆମେଥିରେ ପୁଣି ରାହୁଲ-ସ୍ମୃତି ମୁକାବିଲା !




ନୂଆଦିଲ୍ଲୀ: ଲୋକସଭା ନିର୍ବାଚନକୁ ଆଉ କିଛିମାସ ବାକି ଥିବାବେଳେ ଶେଷରେ କଂଗ୍ରେସ ଏହାର ଅନ୍ୟତମ ସହଯୋଗୀ ସମାଜବାଦୀ ପାର୍ଟି ସହ ଆସନ ବୁଝାମଣା କରିଛି। ବୁଝାମଣା ଅନୁଯାୟୀ, ଉତ୍ତରପ୍ରଦେଶର ୮୦ଟି ଆସନ ମଧ୍ୟରୁ କଂଗ୍ରେସ ୧୭ଟି ଆସନରୁ ଲଢ଼ିବ ଏବଂ ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ଦଳ ବାକି ୬୩ଟି ଆସନରେ କିଏ ଲଢ଼ିବ ତାହା ସ୍ଥିର କରିବ। ଆସନ ବୁଝାମଣାରେ କଂଗ୍ରେସକୁ ମିଳିଥିବା ଆସନଗୁଡ଼ିକ ମଧ୍ୟରେ ରହିଛି ରାଏବରେଲି ଓ ଆମେଥି, ଯାହା ପାରମ୍ପରିକ ଭାବେ ନେହରୁ-ଗାନ୍ଧୀ ପରିବାରର ଗଡ଼ ଭାବେ ପରିଗଣିତ ହୋଇଆସୁଛି। କଂଗ୍ରେସକୁ ଆମେଥି ମିଳିବା ପରେ ଏହି ଆସନରେ ରାହୁଲ ଗାନ୍ଧୀ ଓ ବିଜେପିର ସ୍ମୃତି ଇରାନୀଙ୍କ ମଧ୍ୟରେ ପୁନର୍ବାର ମୁକାବିଲା ହେବାର ସମ୍ଭାବନା ଦେଖାଦେଇଛି। ଗତ ୨୦୧୪ ନିର୍ବାଚନରେ ରାହୁଲ ଏହି ଆସନରେ ଇରାନୀଙ୍କୁ ପରାସ୍ତ କରିଥିଲେ ମଧ୍ୟ ୨୦୧୯ ନିର୍ବାଚନରେ ଇରାନୀଙ୍କଠାରୁ ପରାସ୍ତ ହୋଇଥିଲେ। ଏଥର ଯଦି ରାହୁଲ ଆମେଥିରୁ ଲଢ଼ନ୍ତି, ତେବେ ଏହା ହେବ ରାହୁଲ ଗାନ୍ଧୀ ବନାମ ସ୍ମୃତି ଇରାନୀ ଲଢ଼େଇ ୩.୦ ।

୧୯୬୭ ମସିହାରୁ ଆମେଥି କଂଗ୍ରେସର ଗଡ଼ ହୋଇ ଆସିଛି। ଗତ ପାଞ୍ଚବର୍ଷ ଏବଂ ୧୯୭୦ ଓ ୧୯୯୦ ଦଶକର କିଛି ବର୍ଷକୁ ବାଦ୍ ଦେଲେ ଏହି ନିର୍ବାଚନମଣ୍ଡଳୀରେ ସବୁବେଳେ ନେହରୁ-ଗାନ୍ଧୀ ପରିବାର କିମ୍ବା ଜଣେ ବିଶ୍ୱସ୍ତଙ୍କୁ ଭୋଟ୍ ଦିଆଯାଇଛି। ସଞ୍ଜୟ ଗାନ୍ଧୀ ୧୯୮୦ରେ ଆମେଥି ଆସନରୁ ବିଜୟୀ ହୋଇଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କ ଭାଇ ତଥା ରାହୁଲଙ୍କ ପିତା ରାଜୀବ ୧୯୮୧ରେ ଆମେଥି ଉପନିର୍ବାଚନରେ ବିଜୟୀ ହୋଇଥିଲେ ଏବଂ ୧୯୯୧ ପର୍ଯ୍ୟନ୍ତ ଏହି ଆସନରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପତ୍ନୀ ସୋନିଆ ଗାନ୍ଧୀ ୧୯୯୯ରେ ଆମେଥିରୁ ସାଂସଦ ହୋଇଥିଲେ, ଯାହା ପରେ ତାଙ୍କ ପୁଅ ରାହୁଲ ଗାନ୍ଧୀ ୨୦୦୪ରେ ଏହି ଆସନର ଦାୟିତ୍ୱ ନେଇଥିଲେ ଏବଂ ୨୦୧୯ ପର୍ଯ୍ୟନ୍ତ ଏହାର ପ୍ରତିନିଧିତ୍ୱ କରିଥିଲେ। ଗତ ଲୋକସଭା ନିର୍ବାଚନରେ ରାହୁଲ ଗାନ୍ଧୀ ଆମେଥି ଓ ୱାୟନାଡରୁ ନିର୍ବାଚନ ଲଢ଼ି କେବଳ ୱାୟନାଡ଼ରୁ ବିଜୟୀ ହୋଇଥିଲେ। ଏହା ତାଙ୍କୁ ତାଙ୍କ 'ହୋମ୍ ଟର୍ଫ'ରେ ସ୍ମୃତି ଇରାନୀଙ୍କଠାରୁ ଲଜ୍ଜାଜନକ ପରାଜୟ ସତ୍ତ୍ୱେ ନିମ୍ନ ସଦନକୁ ଯିବାରେ ସାହାଯ୍ୟ କରିଥିଲା। କଂଗ୍ରେସ ପାଇଁ ଆମେଥି କେବଳ ଏକ ନିର୍ବାଚନମଣ୍ଡଳୀ ନୁହେଁ। ଏହା କଂଗ୍ରେସ ବିଚାରାଧାରାର ଏକ ଗଡ଼। ୨୦୧୯ରେ ରାହୁଲ ଗାନ୍ଧୀ ସ୍ମୃତି ଇରାନୀଙ୍କଠାରୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ ହେବା ଦଳ ପାଇଁ ଏକ ବଡ଼ ଧକ୍କା ଥିଲା। ଏହା ଏକ ଯୁଗର ଅନ୍ତ ଘଟାଇଥିଲା ଏବଂ ସୁରକ୍ଷିତ ଆସନ ଭାବେ ବିବେଚିତ ହେଉଥିବା କଂଗ୍ରେସର ଗଡ଼କୁ ଦଳଠାରୁ ଛଡ଼ାଇ ନେଇଥିଲା।

ରାହୁଲ ଗାନ୍ଧୀ ତାଙ୍କର ଭାରତ ଯୋଡୋ ନ୍ୟାୟ ଯାତ୍ରାର ଉତ୍ତରପ୍ରଦେଶ ପର୍ଯ୍ୟାୟରେ ଆମେଥିରେ ପହଞ୍ଚିଥିଲେ। ପାଞ୍ଚବର୍ଷ ମଧ୍ୟରେ ତୃତୀୟ ଥର ପାଇଁ ରାହୁଲ ଗାନ୍ଧୀ ଆମେଥିରେ ପହଞ୍ଚିଥିଲେ। ଜିଲ୍ଲାରେ ତାଙ୍କର ସାର୍ବଜନୀନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକଙ୍କୁ ଦେଖିବାକୁ ମିଳିଥିଲା। ଏଥିରେ ଯୋଗ ଦେଇଥିବା ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ରାହୁଲ ଗାନ୍ଧୀ ତାଙ୍କ ପୁରୁଣା ନିର୍ବାଚନମଣ୍ଡଳୀକୁ ଫେରିବାର ସଙ୍କେତ ଦେଇଥିଲେ। ଆମେଥି ସହ ରାହୁଲ ଗାନ୍ଧୀଙ୍କ ଗଭୀର ସମ୍ପର୍କ ରହିଛି। ସେ ଆଜି ବି ଆପଣଙ୍କ ସହିତ ଅଛନ୍ତି ଏବଂ ସବୁବେଳେ ରହିବେ ବୋଲି ଖଡ଼ଗେ କହିଥିଲେ। କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ, ଲୋକମାନେ ବୁଝିଛନ୍ତି ଯେ ସେମାନେ ୨୦୧୯ରେ ଏକ ଭୁଲ କରିଥିଲେ ଏବଂ ସେମାନେ ରାହୁଲ ଗାନ୍ଧୀଙ୍କୁ ପୁଣି ଫେରାଇ ଆଣିବାକୁ ଚାହୁଁଛନ୍ତି। ଯଦି ରାହୁଲ ଗାନ୍ଧୀ ଏଠାରୁ (ଆମେଥି) ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ସେ ଲଢ଼ିବେ ଓ ଲୋକମାନେ ତାଙ୍କୁ ନିଶ୍ଚୟ ଜିତାଇବେ ବୋଲି ଜୟରାମ କହିଛନ୍ତି।

## ମମତାଙ୍କ ସହ ମେଣ୍ଟ କରିବାକୁ କଂଗ୍ରେସର ଇଚ୍ଛା



ନୂଆଦିଲ୍ଲୀ: ପଶ୍ଚିମବଙ୍ଗର କ୍ଷମତାସୀନ ମମତା ବାନାର୍ଜୀଙ୍କ ଟିଏମସିର ସମାଲୋଚନା ଓ କଟାକ୍ଷ ସତ୍ତ୍ୱେ ରାଜ୍ୟ ଉକ୍ତ ଦଳ ସହ ମେଣ୍ଟ କରିବାକୁ ଇଚ୍ଛା ରଖିଛି କଂଗ୍ରେସ। ଟିଏମସି ସହ ସିଟ ଶେୟାରିଂର ସମ୍ଭାବନା ରହିଛି। ଏ ସମ୍ପର୍କରେ ଆଲୋଚନା ଚାଲିଛି ବୋଲି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କରିଛନ୍ତି। ବିଜେପି ନେତୃତ୍ୱାଧୀନ ଏନଡିଏ ବିରୋଧରେ ଇଣ୍ଡିଆ ମେଣ୍ଟ ସଶକ୍ତ ହେବାର ଆବଶ୍ୟକତା ଥିବା ଜୟରମେଶ କହିଛନ୍ତି। ସେ କହିଛନ୍ତି, "ମମତା ବାନାର୍ଜୀ ଓ ଟିଏମସି କହିଛନ୍ତି ଯେ ସେମାନେ ଇଣ୍ଡିଆ ମେଣ୍ଟକୁ ସଶକ୍ତ କରିବାକୁ ଚାହୁଁଛନ୍ତି। ସବୁଠାରୁ ବଡ଼ ଆଭିମୁଖ୍ୟ ହେଲା ବିଜେପିକୁ ହରାଇବା।"

ପଶ୍ଚିମବଙ୍ଗରେ ଟିଏମସି ଏକା ନିର୍ବାଚନ ଲଢ଼ିବ ବୋଲି ନିଜେ ମମତା ବାନାର୍ଜୀ ଘୋଷଣା କରିଥିଲେ। ତାଙ୍କର ଏପରି ଘୋଷଣା ପରେ କଂଗ୍ରେସ ଓ ଟିଏମସି ମେଣ୍ଟ ହେବା ଉପରେ କଳାବାଦଲ ଘୋଟେଇ ଆସିଥିଲା।

ଟିଏମସି ରାଜ୍ୟର ୪୨ଟି ଲୋକସଭା ଆସନରୁ କଂଗ୍ରେସକୁ ୨ଟି ଦେବ ବୋଲି କହିଥିଲା। ଏହାକୁ କଂଗ୍ରେସ ଗ୍ରହଣ ନ କରିବାରୁ ମମତା ମେଣ୍ଟ ହେବ ନାହିଁ ବୋଲି କହିଥିଲେ। ତଥାପି ନିର୍ବାଚନ ପରେ ସର୍ବଭାରତୀୟ ସ୍ତରରେ ବିଜେପିକୁ ହରାଇବା ପାଇଁ ଟିଏମସି ମେଣ୍ଟ କରିବାକୁ ପଛାଇବ ନାହିଁ ବୋଲି ମଧ୍ୟ ମମତା କହିଥିଲେ। ମେଣ୍ଟ ସମ୍ପର୍କରେ ଜୟରାମ ରମେଶ କହିଛନ୍ତି, "ଦୁଇ ଦଳ ମଧ୍ୟରେ ଜୋରଦାର ଆଲୋଚନା ଚାଲିଛି। କିନ୍ତୁ ଆମେ ମମତା ବାନାର୍ଜୀଙ୍କୁ ସମ୍ମାନ କରୁ। ଆଲୋଚନା ବେଳେ ଏପରି ଉତ୍ତେଜନାପୂର୍ଣ୍ଣ ବାକଯୁଦ୍ଧ ଓ କଥା କଟାକଟି ହୁଏ। ମେଣ୍ଟ ପାଇଁ ଏବେ ସବୁ ପ୍ରକାରର ଦ୍ୱାର ଖୋଲା ରହିଛି।"

## ମାର୍ଚ୍ଚ ୧୩ ପରେ ନିର୍ବାଚନ ତାରିଖ ଘୋଷଣା ହୋଇପାରେ

ନୂଆଦିଲ୍ଲୀ: ମାର୍ଚ୍ଚ ୧୩ ପରେ ନିର୍ବାଚନ ଆୟୋଗ ଲୋକସଭା ନିର୍ବାଚନର ତାରିଖ ଘୋଷଣା କରିବାର ସମ୍ଭାବନା ରହିଛି। ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବାବଦରେ ଜାଣିବା ପାଇଁ ଆୟୋଗ ବିଭିନ୍ନ ରାଜ୍ୟ ଗସ୍ତ କରୁଛନ୍ତି। ଏହି ପ୍ରକ୍ରିୟା ଶେଷ ହେବା ପରେ ତାରିଖ ଘୋଷଣା କରାଯିବ ବୋଲି ନିର୍ବାଚନ ଆୟୋଗ ସୂତ୍ରରୁ ପ୍ରକାଶ ପାଇଛି।



କେନ୍ଦ୍ରୀୟ ପୋଲ୍ ସଂସ୍ଥାର ଅଧିକାରୀମାନେ ବର୍ତ୍ତମାନ ତାମିଲନାଡୁ ଗସ୍ତରେ ଅଛନ୍ତି। ଏହା ପରେ ଉତ୍ତରପ୍ରଦେଶ ଏବଂ ଜମ୍ମୁ କଶ୍ମୀରରେ ପ୍ରସ୍ତୁତି ଉପରେ ରିଭ୍ୟୁ କରିବେ। ମାର୍ଚ୍ଚ ୧୩ ପୂର୍ବରୁ ରାଜ୍ୟ ଗସ୍ତ ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ନିର୍ବାଚନ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି।

ନିର୍ବାଚନ କମିଶନ ଗତ କିଛି ମାସ ଧରି ସମସ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ସହିତ ନିୟମିତ ବୈଠକ କରି ପ୍ରସ୍ତୁତି ବାବଦରେ ପଚାରି ବୁଝୁଛନ୍ତି। ସିଇଓମାନେ ଯେଉଁ ସବୁ କ୍ଷେତ୍ରରେ ତ୍ରୁଟି ରହିଛି, ସେସବୁ ବାବଦରେ ସବିଶେଷ ତଥ୍ୟ ଦେଇଛନ୍ତି। ଇଭିଏମ, ସୁରକ୍ଷା କର୍ମୀଙ୍କ ସମେତ ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷାକୁ କଡାକଡି ବାବଦରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରିବାକୁ ନିର୍ବାଚନ ଆୟୋଗ ଯୋଜନା କରୁଛି ବୋଲି ଅଧିକାରୀମାନେ କହିଛନ୍ତି।

# ଲୋକସଭା ନିର୍ବାଚନ: ମୋଦିଙ୍କ ସମେତ ୧୦୦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ ବିଜେପି !



ନୂଆଦିଲ୍ଲୀ: ଆସନ୍ତା ମାସରେ ନିର୍ବାଚନ କମିଶନ ଦେଶର ସାଧାରଣ ନିର୍ବାଚନ କେବେ ହେବ, ତା'ର ତାରିଖ ଘୋଷଣା କରିପାରନ୍ତି। ତାରିଖ ଘୋଷଣା ହେବା ପୂର୍ବରୁ କେନ୍ଦ୍ରରେ କ୍ଷମତାସୀନ ବିଜେପି ପ୍ରଥମ ଦଫାରେ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ।

ଦଳ ପକ୍ଷରୁ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଓ ସେମାନେ କେଉଁଠି ଲଢ଼ିବେ, ତା'ର ତାଲିକା ଜାରି କରାଯିବ। ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନାଁ ରହିବ ବୋଲି ବିଜେପି ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ପ୍ରାର୍ଥୀଙ୍କ ନାଁ ଚୂଡ଼ାନ୍ତ କରିବା ପାଇଁ ଆସନ୍ତା ୨୯ ତାରିଖରେ ବିଜେପିର କେନ୍ଦ୍ର ନିର୍ବାଚନ କମିଟିର ବୈଠକ ବସିବ। ଏହି ବୈଠକରେ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଫାଇନାଲ କରାଯିବ। ବୈଠକ ପରେ କିଛି ଦିନ ପରେ ବିଜେପି ମୁଖ୍ୟାଳୟରେ କିଏ କେଉଁଠୁ ପ୍ରାର୍ଥୀ ହେବେ, ତା'ର ଘୋଷଣା କରାଯିବ।

ବିଜେପି ଏଥର ଏକାକୀ ୩୭୦ ଓ ଏନଡିଏ ୪୦୦ରୁ ଅଧିକ ଆସନ ଜିତିବ ବୋଲି ଲକ୍ଷ୍ୟ ରଖିଛି। ତେଣୁ ସେହି ଅନୁସାରେ ଦଳ ପ୍ରାର୍ଥୀଙ୍କୁ ମଧ୍ୟ ଚୟନ କରିବ। ଏପରି ସ୍ଥିତିରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାର ଗୁରୁତ୍ୱ ବେଶ ଅଧିକ ରହିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ବାରାଣସୀରୁ କ୍ରମାଗତ ୨ ଥର ନିର୍ବାଚନ ଜିତିଛନ୍ତି। ୨୦୧୪ରେ ତାଙ୍କ ବିଜୟ ବ୍ୟବଧାନ ୩.୩୭ ଲକ୍ଷ ଭୋଟ ରହିଥିଲା। ୨୦୧୯ରେ ଏହା ୪.୮ ଲକ୍ଷରେ ପହଞ୍ଚିଥିଲା।

ଅମିତ ଶାହ ୨୦୧୯ରେ ଗୁଜରାଟର ଗାନ୍ଧିନଗର ଲୋକସଭା ଆସନରୁ ଲଢ଼ିଥିଲେ। ପୂର୍ବରୁ ଏଠାରେ ଏଲକେ ଆଡଭାନୀ ଲଢୁଥିଲେ। ଆଡଭାନୀଙ୍କ ଭଳି ଶାହ ମଧ୍ୟ ବିପୁଳ ଭୋଟ ବ୍ୟବଧାନରେ ବାଜି ମାରିଥିଲେ। ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦି ବିଜେପି ନେତା ଓ କର୍ମୀମାନଙ୍କୁ ୩୭୦ ଟାର୍ଗେଟକୁ ପୂରଣ କରିବା ପାଇଁ କଠିନ ପରିଶ୍ରମ କରିବାକୁ କହିଥିଲେ। ଆସନ୍ତା ୧୦୦ ଦିନ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସମସ୍ତଙ୍କୁ ଜଣାଇଥିଲେ।

ଭାଗ-୧ । ସଂଖ୍ୟା-୧୫ । ଭୁବନେଶ୍ୱର । ୨୬ ଫେବ୍ରୁଆରୀ ରୁ ୩ ମାର୍ଚ୍ଚ ୨୦୨୪
Vol-1 | Issue-15 | Bhubaneswar | 26 Feb. to 3 March 2024

# ନଦୀ ଆର ପାର୍ଶ୍ୱରେ ୬ ପଞ୍ଚାୟତ, ବାଜିରେ ଲାଗିଛି ଜୀବନ

**ମାଲକାନଗିରି (ଭିଓଭି):** ନଦୀ ଆର ପାର୍ଶ୍ୱରେ ରହିଛି ୬ ପଞ୍ଚାୟତ । ବାଜିରେ ଲାଗିଛି ପ୍ରାୟ ୧୫ଶହ ଲୋକଙ୍କ ଜୀବନ । ସରକାରୀ ଡଙ୍ଗା ଚାଲୁନଥିବାରୁ ପ୍ରତିଦିନ ଲୋକମାନେ ଦେଶୀ ଦଦରା ଡଙ୍ଗାରେ ବିପଦପୂର୍ଣ୍ଣ ଭାବେ ଜଳ ଯାତ୍ରା କରୁଛନ୍ତି । ଏଥିପାଇଁ ୬ ପଞ୍ଚାୟତର ଲୋକମାନେ କେତେ ହାରି ଗୁହାରି କଲେଣି । ହେଲେ କେହି ଶୁଣୁନଥିବା ଅଭିଯୋଗ ହୋଇଛି । ବିକାଶର ଏପରି ବିଚିତ୍ର ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ।



ସିଲେରୁ ନଦୀ ଆର ପାର୍ଶ୍ୱରେ ରହିଛି ଜରାଗୁଡ଼ା, ନୂଆଗୁଡ଼, ଗୁନ୍ଥାଗୁଡ଼ା, କପାତୁଟି, ପପଲୁର ଓ କୁରୁମାନୁର ପଞ୍ଚାୟତ । ଲୋକ ସଂଖ୍ୟା ୧୫୦୦ରୁ ଅଧିକ ହେବ । ସମସ୍ତେ ପ୍ରାୟତଃ ଆଦିବାସୀ ସମ୍ପ୍ରଦାୟର । ଚାଷ ଓ କାମଦାମ କରି ଜୀବନ ନିର୍ବାହ କରନ୍ତି । କିନ୍ତୁ ଦୈନନ୍ଦିନ ଜୀବନ ଚର୍ଯ୍ୟା ପାଇଁ ସେମାନଙ୍କୁ ବ୍ଲକ୍ ସଦର ମହକୁମା ଚିତ୍ରକୋଣ୍ଡା ଉପରେ ନିର୍ଭର କରିବାକୁ ପଡୁଛି । କାରଣ ମେଡ଼ିକାଲ୍‌ଠାରୁ ଆରମ୍ଭ କରି ହାଟ, ବ୍ୟାଙ୍କ, ପୋଷ୍ଟ ଅଫିସ୍, ସ୍କୁଲ ଓ କଲେଜ ଆଦି ଚିତ୍ରକୋଣ୍ଡାରେ ରହିଛି । ତେଣୁ ଗାଁ ଲୋକଙ୍କୁ ପ୍ରାୟତଃ ପ୍ରତିଦିନ ଚିତ୍ରକୋଣ୍ଡା ଆସିବାକୁ ପଡୁଛି । ୧୦ରୁ ୧୫ ମିନିଟ୍‌ର ଜଳ ଯାତ୍ରା ପରେ ଲୋକମାନେ ଚିତ୍ରକୋଣ୍ଡାରେ ପହଞ୍ଚୁଥିଲେ ।

ପୂର୍ବରୁ ଚିତ୍ରକୋଣ୍ଡାରୁ ୬ ପଞ୍ଚାୟତକୁ ଯୋଡ଼ିବା ପାଇଁ ଗୋଟିଏ ସରକାରୀ ଡଙ୍ଗା ଚାଲୁଥିଲା । ସେହି ଡଙ୍ଗାରେ ଲୋକମାନେ ପ୍ରତିଦିନ ଯିବା ଆସିବା କରୁଥିଲେ । ହେଲେ ଗତ କିଛି ବର୍ଷ ହେଲା ସେହି ସରକାରୀ ଡଙ୍ଗା ଗାଏବ ହୋଇଯାଇଛି । କିଏ ନେଇଗଲା ନା ରକ୍ଷଣା ବେକ୍ଷଣା ଅଭାବରୁ ପାଣିରେ ବୁଡ଼ିଗଲା, ସେ ବିଷୟରେ କେହି କିଛି ଜାଣିନାହାନ୍ତି । ତେଣୁ ଲୋକମାନେ ବାଧ ହୋଇ ବିପଦ ସଙ୍କୁଳ ଅବସ୍ଥାରେ ଜୀବନକୁ ବାଜି ଲଗାଇ କାଠ ଡଙ୍ଗାରେ ନଦୀ ପାର ହେଉଛନ୍ତି । ଏଥିପ୍ରତି ପ୍ରଶାସନର ତିଳେ ମାତ୍ର ନଜର ନାହିଁ । ଏହାକୁ ନେଇ ୬ ପଞ୍ଚାୟତର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

ସେପଟେ ଦେଖିବାକୁ ଗଲେ ଉକ୍ତ ୬ ପଞ୍ଚାୟତରୁ ବ୍ଲକ ସଦର ମହକୁମା ଚିତ୍ରକୋଣ୍ଡାକୁ ଯିବା ଆସିବା ପାଇଁ ରାସ୍ତା ଅଛି । ହେଲେ ସମୟ ସାପେକ୍ଷ । ଅର୍ଥାତ୍ ସ୍ୱିଲ୍‌ବାଇ ପପଲୁର ରୋଡ୍ ଦେଇ ପ୍ରାୟ ୧୬ କିମି ରାସ୍ତା ଅତିକ୍ରମ କଲେ ପଡୁଛି ଚିତ୍ରକୋଣ୍ଡା । ସେଠାରୁ ପ୍ରତିଦିନ ବସ୍, ଅଟୋ ଯିବା ଆସିବା କରୁଛି । ଏପରିକି ରାଜ୍ୟ ସରକାରଙ୍କ 'ଲକ୍ଷ୍ମୀ' ଯୋଜନାରେ ବସ୍ ମଧ୍ୟ ଚାଲୁଛି । ଅନ୍ୟ ପଞ୍ଚାୟତର ଲୋକମାନେ ସେହି ଗାଡ଼ିରେ ଯିବା ଆସିବା କରୁଛନ୍ତି । ହେଲେ ଏହି ୬ ପଞ୍ଚାୟତ ପାଇଁ ଏହି ଯାତ୍ରା ଦୁଃଖଦାୟକ ।

କମାରଗୁଡା ଗାଁର ଶନିଆ ମୁଦୁଲୁ କହିଛନ୍ତି, ନଦୀରେ ଡଙ୍ଗା ଚାଲୁନାହିଁ । ଯେଉଁଥିପାଇଁ ଆମେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛି । ଡଙ୍ଗା ଚଲାଇବା ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପାଖରେ କେତେ ଗୁହାରୀ କଲୁଣି । ଆମେ ଆଦିବାସୀ ହୋଇଥିବାରୁ ଆମ କଥା କେହି ଶୁଣୁନାହାନ୍ତି । ବାଧ ହୋଇ ଦେଶୀ ଡଙ୍ଗାରେ ନଦୀ ପାର ହେଉଛୁ ବୋଲି ଶ୍ରୀ ମୁଦୁଲି କହିଛନ୍ତି ।

ଦୋରାଗୁଡା ଗାଁର ଗୌରୀ ମାଝୀ କହିଛନ୍ତି, ଆମେ କୁଲି ମଜୁରୀ ଲାଗି ଚଳୁଛୁ । ସେଥିପାଇଁ ଚିତ୍ରକୋଣ୍ଡା ଆସିବାକୁ ପଡୁଛି । ହେଲେ ନଦୀ ପାର ହୋଇ ଆସି ପାରୁନୁ । ଡଙ୍ଗା ଚାଲୁନଥିବାରୁ ନାନା ଅସୁବିଧା ହେଉଛି । ଆମ କଥା କେହି ଶୁଣୁ ନାହାନ୍ତି ବୋଲି ଗୌରୀ ମାଝୀ କହିଛନ୍ତି ।

ଗାଁ ଲୋକଙ୍କ ଅଭିଯୋଗ ନେଇ ପ୍ରଶାସନର ପ୍ରତିକ୍ରିୟା ମିଳିପାରି ନାହିଁ ।

# ଟ୍ରକ୍ ଡାଲା ଉପରେ କାଜୁ ବସ୍ତା, ତଳେ ଗଞ୍ଜେଇ

ବୌଦ୍ଧ (ଭିଓଭି): ଗଞ୍ଜେଇ ମାଫିଆଙ୍କ ବୁଦ୍ଧି ମାନିବାକୁ ପଡ଼ିବ । କାଜୁ ଟ୍ରକ୍‌ରେ ଚାଲାଣ କରୁଥିଲେ ଗଞ୍ଜେଇ । ହେଲେ ବେଳା ଖରାପ । ଯାଞ୍ଚ ବେଳେ ଧରା ପଡ଼ିଗଲା ସବୁ ଚାଲ୍ । ବୌଦ୍ଧ ପୁଲିସ୍ କାଜୁ ଟ୍ରକ୍ ଯାଞ୍ଚ କରି ୧୦ କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି । ଏହି ମାମଲାରେ ପୁଲିସ୍ ୨ ଜଣଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି ।



ଗଞ୍ଜେଇ ଚାଲାଣ ନେଇ ଖବର ପାଇଥିଲେ ବୌଦ୍ଧ ଏସ୍‌ପି । ତେଣୁ ଘଟଣା ସକାଳେ ପୁଲିସ୍ ମହାନଦୀ ବ୍ରିଜ୍ ଛକରେ ଗାଡ଼ି ଯାଞ୍ଚ କରିଥିଲା । ଗାଡ଼ି ଯାଞ୍ଚ ବେଳେ ସୋନପୁର ପାର୍ଶ୍ୱରୁ ଆସୁଥିବା ଏକ ଟ୍ରକ୍‌କୁ ଅଟକାଇଥିଲା ପୁଲିସ୍ । ଯାଞ୍ଚ ବେଳେ କାଜୁ ଟ୍ରକ୍ ବୋଲି ଡ୍ରାଇଭର ଓ ହେଲ୍‌ପର କହିଥିଲେ । ଏପରିକି ପୁଲିସ୍ କର୍ମଚାରୀଙ୍କୁ କାଜୁ କାଢ଼ି ଦେଖାଇଥିଲେ । କିନ୍ତୁ ସେଥିରେ ପୁଲିସ୍‌ର ସନ୍ଦେହୀ ମନ ସନ୍ତୁଷ୍ଟ ହୋଇନଥିଲା ।

ପୁଲିସ୍ କର୍ମଚାରୀମାନେ ଚଢ଼ି ଟ୍ରକ୍ ଡାଲା ଯାଞ୍ଚ କରିଥିଲେ । ସେହି ସମୟରେ କାଜୁ ବସ୍ତା ତଳେ ଗଞ୍ଜେଇ ବସ୍ତା ଥିବା ଦେଖିବାକୁ ପାଇଥିଲେ । ଉକ୍ତ ଗାଡିରୁ ୧୦ କ୍ୱିଣ୍ଟାଲ୍ ୨୫ କେଜି ଗଞ୍ଜେଇ ଜବତ କରିଥିଲା ପୁଲିସ୍ । ଯାହାର ଆନୁମାନିକ ମୂଲ୍ୟ ୧୦ କୋଟି ୨ ଲକ୍ଷ ଟଙ୍କା ହେବ । ଏହି ମାମଲାରେ ପୁଲିସ୍ ମହାରାଷ୍ଟ୍ର ପରଡ଼ି ଥାନା ଅଞ୍ଚଳର ଆଜାଦ ସରଫରାଜ୍ ଖାନ ଓ ମିଲନ୍ ଯାଦବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତଙ୍କଠାରୁ ନଗଦ ୧୮ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି ପୁଲିସ୍ । ଜବତ ହୋଇଥିବା ଗଞ୍ଜେଇ ମହାରାଷ୍ଟ୍ର ଚାଲାଣ ହେଉଥିବା ଜଣାପଡ଼ିଛି । ତେବେ ଏହି ଗଞ୍ଜେଇ କେଉଁଠି ଲୋଡ୍ ହୋଇଥିଲା ଓ କିଏ ନେଉଥିଲେ, ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ । ପୁଲିସ୍ ତାହା ଉପରେ ତଦନ୍ତ ଚଳାଇଛି । ଏହା ପଛରେ ଏକ ରାକେଟ୍ କାମ କରୁଥିବା ଜଣାପଡ଼ିଛି ।

### ଅଚାନକ୍ ମାସେ ଛୁଟିରେ ପଳାଇଗଲେ ବିଏମସି କମିଶନର

# ରାଜେଶ ପ୍ରଭାକର ପାଟିଲଙ୍କୁ ଦାୟିତ୍ୱ

**ଭୁବନେଶ୍ୱର (ଭିଓଭି):** ସାଧାରଣ ନିର୍ବାଚନ ପୂର୍ବରୁ ଅଚାନକ ଛୁଟିରେ ପଳାଇଗଲେ ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତ କୁଲାଙ୍ଗେ । ତାଙ୍କ ବଦଳରେ ନୂଆ କମିଶନର ଭାବେ ୨୦୦୫ ବ୍ୟାଚ୍ ଆଇଏଏସ୍ ରାଜେଶ ପ୍ରଭାକର ପାଟିଲଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଛି ।



୨୦୧୩ ବ୍ୟାଚ୍ ଆଇଏଏସ୍ ଶ୍ରୀ କୁଲାଙ୍ଗେ ଗତକାଲି ଅର୍ଥାତ୍ ୨୩ତାରିଖରେ ବିଏମସି ମାସିକ ବୈଠକରେ ଉପସ୍ଥିତ ରହିଥିଲେ । ସବୁକିଛି ଠିକଠାକ୍ ଥିବାବେଳେ ଅଚାନକ ଛୁଟିରେ ପଳାଇବାକୁ ନେଇ ନାନାଦି ଚର୍ଚ୍ଚା ଜୋର ଧରିଛି । ସରକାରଙ୍କ ବିନା ଅନୁମତିରେ ମେୟର ଓ କର୍ପୋରେଟରଙ୍କ ଭତ୍ତା (ସିଟିଂ ଆଲାଉନ୍ସ) ବୃଦ୍ଧି ପାଇଁ ବିଏମସି ବୈଠକରେ ନିଷ୍ପତ୍ତି ନିଆଯିବା ଶ୍ରୀ କୁଲାଙ୍ଗେଙ୍କୁ ମହଙ୍ଗା ପଡ଼ିଛି ବୋଲି ଜଣାପଡ଼ିଛି ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୦୫ ବ୍ୟାଚ୍ ଆଇଏଏସ୍ ରାଜେଶ ପ୍ରଭାକର ପାଟିଲଙ୍କୁ ଭୁବନେଶ୍ୱର ମହାନଗର ନିଗମର କମିଶନର ଭାବେ ନିଯୁକ୍ତି ମିଳିଛି । ସେ ଅତିରିକ୍ତ ଭାବେ ସମବାୟ ବିଭାଗର ସଚିବ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ତୁଲାଇବେ ।

# ମୌଳିକ ସୁବିଧାରୁ ବଞ୍ଚିତ ଗାଁ କନ୍ଥାଝରି

ଭୁବନେଶ୍ୱର (ଭିଓଭି): ୫-ଜି ଯୁଗରେ ହାତ ପାହାନ୍ତାରେ ସବୁ ସୁବିଧାରେ ମିଳୁଥିବା ବେଳେ ଆଜି ବି ମୌଳିକ ସୁବଧାରୁ ବଞ୍ଚିତ ଅଛନ୍ତି ଅନେକ ଗାଁ । ପିଇବା ପାଣି ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଭତ୍ତା, ଆବାସ ଓ ବିଦ୍ୟୁତ ଭଳି ଅନେକ ସୁବିଧାରୁ ବଞ୍ଚିତ ହୋଇଛନ୍ତି ଏହି ଗାଁଗୁଡ଼ିକ । ସେହି ଗାଁଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଖଣିଖାଦାନ ଭରା ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକର କନ୍ଥାଝରି । ଦୈତାରୀ ଲୁହା ପଥର ଖଣିର ଅନତି ଦୂରରେ ରେବଣା ସଂରକ୍ଷିତ ଜଙ୍ଗଲରେ ଅବସ୍ଥିତ ଏହି ଗାଁରେ ରହନ୍ତି ମୁଣ୍ଡା ସମ୍ପ୍ରଦାୟର ଲୋକେ । କନ୍ଥାଝରି ଗାଁକୁ ଯିବା ପାଇଁ ପକ୍କା ରାସ୍ତା ଖଣ୍ଡିଏ ନାହିଁ । ଏହି ଗାଁକୁ ଯିବାକୁ ହେଲେ ଅତିକ୍ରମ କରିବାକୁ ପଡ଼େ ପାହାଡ଼ ଓ ଝରଣା । ଝରଣାଟି ଚିରସ୍ରୋତା ।ବର୍ଷ ସାରା ଏଥିରେ ପାଣି ରହେ । ବର୍ଷା ଦିନେ ଏହି ଝରଣାରେ ପ୍ରବଳ ପାଣି ଆସିଥାଏ । ସେହି ସମୟରେ ଗାଁ ବାହାରକୁ ଯିବା ପାଇଁ ଲୋକେ ଭାରି ହଇରାଣ ହୁଅନ୍ତି । ରୋଗୀଙ୍କୁ ଡାକ୍ତରଖାନା ନେବାରେ ଅସୁବିଧା ହୁଏ । ଛାତ୍ରଛାତ୍ରୀମାନେ ସ୍କୁଲ ଯାଇପାରନ୍ତି ନାହିଁ । ସ୍କୁଲ ଯିବାରେ ଅସୁବିଧା ହେଉଥିବା ଯୋଗୁ ବାଧ ହୋଇ କିଛି ପିଲା ଅଧାରୁ ପାଠପଢ଼ା ଛାଡ଼ନ୍ତି ।



ଗ୍ରାମବାସୀଙ୍କ ପାଇଁ ନାହିଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା । ଗାଁରେ ଗୋଟିଏ ନଳକୂଅ ଖୋଳା ଯାଇଥିଲା । ତେବେ ତାହା ବର୍ଷେ ହେଲା ଅଚଳ ହୋଇପଡ଼ିଛି । ପାଣି ପାଇଁ ଗାଁ ଲୋକେ ଝରଣା ଉପରେ ନିର୍ଭର କରନ୍ତି । ସ୍ନାନ-ଶୌଚ ଠାରୁ ଆରମ୍ଭ କରି ଖାଦ୍ୟ ପ୍ରସ୍ତୁତି ଓ ପିଇବା ପାଇଁ ଝରଣା ପାଣିକୁ ଲୋକେ ବ୍ୟବହାର କରନ୍ତି ।

ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଛି । କିନ୍ତୁ ବର୍ଷ ବର୍ଷ ଧରି ସେତିକିରେ ଅଟକିଛି ସେହି କାମ । କିଛି ବର୍ଷ ତଳେ ଗାଁରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଥିଲା । ତେବେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଅଚଳ ହୋଇଯାଇଛି ।

ଗାଁର ଅଧିକାଂଶ ପରିବାର ଝାଟିମାଟି ଘରେ ରହୁଛନ୍ତି । ନିର୍ବାଚନ ଆସିଲେ ଗାଁ ଲୋକଙ୍କୁ ଆବାସ ଯୋଜନା ଘର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳେ । କିନ୍ତୁ ନିର୍ବାଚନ ସରିଗଲେ ଆଉ କେହି ସେମାନଙ୍କ କଥା ଭାବନ୍ତି ନାହିଁ ।

ଗାଁର ଅନେକ ବୟସ୍କ ଓ ଦିବ୍ୟାଙ୍ଗ ସରକାରୀ ଭତ୍ତାରୁ ବଞ୍ଚିତ ହୋଇଛନ୍ତି । ଗାଁର ନିକଟରେ ଦୈତାରୀ ଲୁହା ପଥର ଖଣି ଥିଲେ ବି ଗାଁର ଅନେକ ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଆନ୍ତି । ଅନ୍ୟମାନେ ଜଙ୍ଗଲ ଉପରେ ନିର୍ଭର କରି ଚଳନ୍ତି ।

ଆଦିବାସୀଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି କହୁଛନ୍ତି । କିନ୍ତୁ ଏବେବି ଏ ସବୁ ଯୋଜନା କନ୍ଥାଝରି ଗାଁ ପାଇଁ ସ୍ୱପ୍ନ ହୋଇ ରହିଯାଇଛି ।

# ପାଇପ୍ ବିଛା ଯାଇଛି, ଆସୁନି ପାଣି; ତାତିଲେଣି ଲୋକ




**ସୁନ୍ଦରଗଡ (ଭିଓଭି):** ପାନୀୟ ଜଳ ଯୋଗାଇବା ପାଇଁ 'ବସୁଧା' ଯୋଜନାରେ ବିଛା ଯାଇଛି ପାଇପ୍। ତିଆରି ହୋଇଛି ଷ୍ଟାଣ୍ଡ ପୋଷ୍ଟ। ହେଲେ ସେହି ପାଇପ୍‌ରେ ଆସୁନି ପାଣି। ଯେଉଁଥିପାଇଁ ଲୋକମାନ ଗାଁଠାରୁ ଅଢ଼େଇ କିଲୋମିଟର ଦୂରରେ ଥିବା ନାଳକୁ ଯାଉଛନ୍ତି। ଏହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଚିତ୍ର ଆସିଛି ସୁନ୍ଦରଗଡ ଜିଲ୍ଲା ଟାଙ୍ଗରପାଲ୍ଲି ବ୍ଲକ ସାନପତ୍ରାପାଲ୍ଲି ପଞ୍ଚାୟତରୁ।

ଟାଙ୍ଗରପାଲ୍ଲି ବ୍ଲକ୍ ସାନପତ୍ରାପାଲ୍ଲି ପଞ୍ଚାୟତର ବଜାର ଦାଣ୍ଡ ପଡା। ଲୋକ ସଂଖ୍ୟା ପ୍ରାୟ ୫୦୦ ହେବ। ସମସ୍ତେ ପ୍ରାୟତଃ ଦିନ ମଜୁରିଆ ଭାବେ କାମ କରନ୍ତି। ଗାଁର ମୁଖ୍ୟ ସମସ୍ୟା ହେଉଛି ପାଣି। ଲୋକଙ୍କ ଶୋଷ ମେଣ୍ଟାଇବା ଗାଁରେ ରହିଛି ଗୋଟିଏ ମାତ୍ର ନଳକୂପ। ସେଥିପାଇଁ ସକାଳରୁ ସଞ୍ଜ ଯାଏ ସେହି ନଳକୂପ ପାଖରେ ଲାଗୁଛି ପ୍ରବଳ ଭିଡ଼। ବେଳେ ବେଳେ ଏମିତି ସ୍ଥିତି ହୁଏ ପାଣି ପାଇଁ ମହିଳାଙ୍କ ଭିତରେ ଖଣ୍ଡ ଯୁଦ୍ଧ ହେଉଛି। ଠେଲାପେଲା ଓ ମାଡ଼ଗୋଳ ମଧ ହେଉଛି।

ଯେଉଁ ନଳକୂପ ପାଇଁ ଏତେ ଯୁଦ୍ଧ ହେଉଛି, ତାହା ବେଳେ କାମରେ ଆସୁନି। କାରଣ ସେଥିରୁ ଏବେ ନାଲି ରଙ୍ଗର ଓ ଲୁହା ଗୁଣ୍ଡ ମିଶା ପାଣି ବାହାରୁଛି। ଯାହା ବ୍ୟବହାର ଯୋଗ୍ୟ ନୁହେଁ। ତଥାପି ସେହି ପାଣିକୁ ଲୋକେ ବ୍ୟବହାର କରୁଛନ୍ତି। ତେବେ ଗାଧୁଆ ଓ ଶୌଚ ପାଇଁ ଗାଁର ମହିଳା ଏବଂ ପୁରୁଷମାନେ ଅଢ଼େଇ କିମି ଦୂରରେ ଥିବା ସରସତୀ ନାଳକୁ ଯାଉଛନ୍ତି। ଏହା କଷ୍ଟସାଧ ହେଲେ ମଧ କିଛି ଉପାୟ ନଥିବାରୁ ଯିବାକୁ ପଡୁଛି। ଏଥିରେ ବେଶୀ ଅସୁବିଧାରେ ପଡୁଛନ୍ତି ବୃଦ୍ଧ, ବୃଦ୍ଧା ଓ ଛୋଟ ପିଲାମାନେ। ସେମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

ଗାଁର ପାନୀୟ ଜଳ ସମସ୍ୟା ନେଇ ଲୋକମାନେ ବହୁବାର ପ୍ରଶାସନ ପାଖରେ ଗୁହାରୀ କରିଥିଲେ। କେତେ ଗୁହାରୀ ପରେ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବ୍ୟବସ୍ଥା କରିଥିଲେ। ୨୦୧୧-୧୨ ଆର୍ଥିକ ବର୍ଷରେ ପାନୀୟ ଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ହେଲେ ଠିକାଦାର ଅଧପନ୍ତରିଆ ଭାବେ କାମ ଛାଡ଼ି ପଳାଇଗଲା। ଏହା ପରେ ଅର୍ଥାତ ସେହି ପ୍ରକଳ୍ପକୁ 'ବସୁଧା' ଯୋଜନାରେ ସାମିଲ୍ କରାଯାଇଥିଲା। ତା'ପରେ ଆଉଥରେ ପାଇପ୍ ବିଛା କାମ ଆରମ୍ଭ ହୋଇଥିଲା। ସାହି ସାହିକୁ ବିଛା ଯାଇଥିଲା ପାଇପ୍। ତାହା ସହ ନିର୍ମାଣ କରାଯାଇଥିଲା ଷ୍ଟାଣ୍ଡ ପୋଷ୍ଟ।

୨୦୨୦-୨୧ ଆର୍ଥିକ ବର୍ଷରେ ପାନୀୟ ଜଳ ପ୍ରକଳ୍ପ କାମ ସରିଥିଲା। ପୂରା ପଞ୍ଚାୟତ ଲୋକମାନେ ପାନୀୟ ଜଳ ପାଇଲେ। ହେଲେ ବଜାର ଦାଣ୍ଡ ପଡାର ଲୋକମାନେ ପାଣି ପାଇଲେ ନାହିଁ। ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗି ଯାଇଥିବା ବେଳେ ପାଇପ୍ ଫାଟି ଯାଇଥିବାରୁ ଏପରି ସମସ୍ୟା ଦେଖାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଗାଁ ଲୋକେ ବହୁବାର ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ମାତ୍ର ସେମାନଙ୍କ ଅଭିଯୋଗ କେହି ଶୁଣୁନଥିବା ଗାଁ ଲୋକେ କହିଛନ୍ତି।

ଗାଁର ଜଣେ ଛାତ୍ରୀ କହିଛନ୍ତି, ଗାଁରେ ଗୋଟିଏ ମାତ୍ର ନଳକୂଳ ରହିଛି। ସେଥିରୁ ଆମେ ସମସ୍ତେ ପାଣି ପିଉଛୁ। ବେଳେ ବେଳେ ପାଣି ପାଇଁ ମାରପିଟ୍ ହେଉଛି। ଯେଉଁଥିପାଇଁ ମୁଁ ଅନେକ ସମୟରେ କଲେଜ ଯାଇପାରୁନାହିଁ ବୋଲି ଛାତ୍ରୀ ଜଣକ କହିଛନ୍ତି।

ସେହିପରି ଅନ୍ୟ ଜଣେ କହିଛନ୍ତି, ପାଣି ପାଇଁ ଆମେ ବହୁ ଅସୁବିଧାରେ ପଡୁଛୁ। ପାନୀୟ ଜଳ ଯୋଗାଇବା ପାଇଁ ପାଇପ୍ ପୋତି ଦେଇ ପଳାଇ ଗଲେ। ହେଲେ ଆଜି ପର୍ଯ୍ୟନ୍ତ ପାଣି ଆସିଲା ନାହିଁ। ଏନେଇ ଅଭିଯୋଗ କଲେ କହୁଛନ୍ତି, ଉଚ୍ଚା ସ୍ଥାନ ହୋଇଥିବାରୁ ପାଣି ଆସି ପାରିବ ନାହିଁ ବୋଲି କହୁଛନ୍ତି। ଯଥାଶୀଘ୍ର ଆମ ଗାଁର ପାନୀୟ ଜଳ ସମସ୍ୟା ସମାଧାନ କରାଯାଉ ବୋଲି ଅନୁରୋଧ କରିଛନ୍ତି।

ସେପଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ହେମନ୍ତ ବାରିକ ବାହାସ୍ଫୋଟ୍ ମାରିବା ଛାଡୁନାହାନ୍ତି। ସେ କହିଛନ୍ତି, ଅନ୍ୟ ଗାଁକୁ ପାଣି ଯୋଗାଣ ହେଉଛି। ହେଲେ ସେହି ସାହିଟି ଉଚ୍ଚ ସ୍ଥାନରେ ଥିବାରୁ ପାଣି ଯାଇପାରୁ ନାହିଁ। ସେଥିପାଇଁ ବ୍ୟବସ୍ଥା କରାଯିବ। ଖୁବ୍‌ଶୀଘ୍ର ସାହି ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନ ହେବ ବୋଲି ଯନ୍ତ୍ରୀ ଶ୍ରୀ ବାରିକ କହିଛନ୍ତି।

## ରାଜଧାନୀରେ ଭତ୍ତା ପାଇଁ ହଟହଟା ହେଲେ ବୃଦ୍ଧବୃଦ୍ଧା



ଭୁବନେଶ୍ୱର (ଭିଓଭି): ସକାଳ ୭ଟାରୁ ଆସି ଲାଇନରେ ଛିଡ଼ା ହୋଇଛନ୍ତି ବୃଦ୍ଧବୃଦ୍ଧା, କିନ୍ତୁ ଅପରାହ୍ନ ୨ଟା ଯାଏ ବି ମିଳିନାହିଁ ଭତ୍ତା। ବୟସରେ ଅପରାହ୍ନରେ ସେମାନେ ଛଅ ସାତ ଘଣ୍ଟା ଲେଖାଏଁ ଛିଡ଼ା ହୋଇ ଅପେକ୍ଷା କରିବାକୁ ପଡୁଛି ଭତ୍ତା ପାଇଁ। ଏଥିରେ ତ ଜଣେ ଦୁଇ ଜଣ ବେହୋସ ହୋଇ ତଳେ ପଡ଼ି ଯାଇଛନ୍ତି। ଏହି ଦୃଶ୍ୟ ଦେଖିବାକୁ ମିଳିଛି ଭୁବନେଶ୍ୱର ଉପକଣ୍ଠ ଭରତପୁରର ଅଞ୍ଚଳରେ। ଗୋପବନ୍ଧୁ ସରକାରୀ ୟୁପି ସ୍କୁଲ ପରିସରରେ ବୟସ୍କ, ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନ କରାଯାଉଥିଲା। ଏଇ ମାସରୁ ୫ ଶହ ଲେଖାଏଁ ଅଧିକ ମିଳିବ ବୋଲି ବହୁ ବୟସ୍କ ଦୌଡ଼ି ଆସିଥିଲେ। କିନ୍ତୁ ଏତେ ଅପେକ୍ଷା କରିବାକୁ ପଡ଼ିଲା ଯେ, ବୃଦ୍ଧ ବୃଦ୍ଧା ମାନେ ଅଚେତ ହୋଇ ତଳେ ପଡ଼ି ଯାଇଥିବାର ଅଭିଯୋଗ ହୋଇଛି। ହିତାଧିକାରୀମାନେ ଅଭିଯୋଗ କରିଛନ୍ତି, ଏଠାରେ ନା ଅଛି ପିଇବା ପାଣିର ବ୍ୟବସ୍ଥା, ନା ଅଛି ଛାଇର ବ୍ୟବସ୍ଥା ନା ଅଛି ବିଶ୍ରାମ କରି ଥକା ମେଣ୍ଟାଇବାର ବ୍ୟବସ୍ଥା। କାହିଁକି ଭତ୍ତା ଦେବାରେ ଏତେ ଡେରି ହେଉଛି, ତାର ଉତ୍ତର ଦେବାକୁ ମଧ କର୍ତ୍ତୃପକ୍ଷଙ୍କ ତରଫରୁ କେହି ନାହାନ୍ତି।

## ପାରାଦୀପରେ ଅଟକ ଥିବା ଏମ.ଭି ଦେବୀ ସିଜ୍

**ପାରାଦୀପ (ଭିଓଭି):** କୋକେନ୍ ସହ ପାରାଦୀପରେ ଅଟକ ଥିବା ଏମ.ଭି ଦେବୀ ସିଜ୍। ଏହି ଜାହାଜକୁ ସିଜ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପାରାଦୀପ ବନ୍ଦରରେ ବର୍ଥ ଭଡା ଓ ଅନ୍ୟାନ୍ୟ ଦେୟ ଆଦାୟ ପ୍ରସଙ୍ଗକୁ ନେଇ ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଦାୟର ମାମଲାର ଶୁଣାଣି ବେଳେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୭ କୋଟି ୯୫ ଲକ୍ଷ ୪୭ ହଜାର ୧୭୦ ଟଙ୍କା ଅସୁଲ ପାଇଁ ମାମଲା ଦାୟର ହୋଇଥିଲା। ହାଇକୋର୍ଟର ବିଚାରପତି ଜଷ୍ଟିସ ଭି. ନରସିଂହ ମାମଲାର ଶୁଣାଣି କରି ଏଭଳି କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଗତ ନଭେମ୍ବର ୩୦ ତାରିଖରେ ଏମ.ଭି ଦେବୀ ଜାହାଜ ପାରାଦୀପ ବନ୍ଦର ଆସିଥିବା ବେଳେ ଏଥିରୁ ୨୨୦ କୋଟି ଟଙ୍କାର କୋକେନ୍ ଜବତ ହୋଇଥିଲା। ସେବେ ଠାରୁ ଏହି ଜାହାଜ ୨୧ ଜଣ କ୍ରିୟୁ ସଦସ୍ୟଙ୍କ ସହିତ ପାରାଦୀପରେ ଅଟକ ରହିଛି। ଜାହାଜଟି ଭିଏତନାମର ହୋଇଥିବା ବେଳେ ଇଣ୍ଡୋନେସିଆରୁ ପାରାଦୀପକୁ ଷ୍ଟିଲ ପ୍ଲେଟ ନେବା ପାଇଁ ଆସିଥିଲା। ଅନ୍ତରୀଣ ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଥିବା ବେଳେ ଏ ସଂକ୍ରାନ୍ତୀୟ ସାମୁଦ୍ରିକ ବିବାଦ ସମ୍ପର୍କିତ ମୂଳ ମାମଲାର ଶୁଣାଣି ଆସନ୍ତା ମାର୍ଚ୍ଚ ୭ ତାରିଖରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।

# ପିଲାଙ୍କ ଭବିଷ୍ୟତ ଗଢିବା ପାଇଁ ଡିବିରି ଆଲୁଅ ଭରଷା



ସୁନ୍ଦରଗଡ଼ (ଭିଓଭି): ଡିବିରି ଆଲୁଅରେ ଭବିଷ୍ୟତ ଗଢୁଛନ୍ତି ଆଦିବାସୀ ପିଲା। ଦିନକ ପରେ ମାଟ୍ରିକ୍ ପରୀକ୍ଷା। ଦଶମ ଛାତ୍ରଛାତ୍ରୀ ଦିନରାତି ଏକ୍ କରି ପରୀକ୍ଷା ପାଇଁ ପ୍ରସ୍ତୁତିରେ ବ୍ୟସ୍ତ। ହେଲେ ବିଜୁଳି ନଥିବାରୁ ଅନ୍ଧାର ସାଜିଛି ବାଧକ।

ଏଭଳି ଅଭିଯୋଗ ଆସିଛି ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକର ଏକ ବସ୍ତିରେ ୩ ମାସ ହେଲା ବିଜୁଳି ନହିଁ। ପରୀକ୍ଷା ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ସମୟକୁ ଅନ୍ଧାରରେ କଟାଇବାକୁ ବାଧ ହେଉଛନ୍ତି ସେଠାକାର ବୋର୍ଡ ପରୀକ୍ଷାର୍ଥୀ। ଚାରିଆଡ଼େ କିଟି କିଟି ଅନ୍ଧାର ଭିତରେ ନିଜ ଭବିଷ୍ୟତର ଆଲୋକକୁ ଖୋଜୁଛନ୍ତି ବୋର୍ଡ ପରୀକ୍ଷାର୍ଥୀ ମାନେ। ୩ ମାସ ହେଲା ବିନା ବିଜୁଳିରେ ଚଳୁଥିବା ଏହି ବସ୍ତିର ପିଲା ମାନେ ଅନ୍ଧାରରେ ଆଉଟୁପାଉଟୁ ହେଉଛନ୍ତି।

ବି. କରୁଆବାହାଲ ପଞ୍ଚାୟତ ଅନ୍ତର୍ଗତ ଠେଲକୋଛପଲ ବସ୍ତିରେ ଗତବର୍ଷ ଡିସେମ୍ବରରେ ଏଠି ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ିଯାଇଥିଲା। ଆଉ ତାକୁ ବଦଳାଯାଇନି କି ମରାମତି ହୋଇନି। ତେଣୁ ପ୍ରଥମ କିଛି ଦିନ ମହମବତି ଜାଳୁଥିଲେ ଲୋକେ। ହେଲେ ବସ୍ତିର ଗରିବ ଗୁରୁବା କେତେ ବା ମହମବତି କିଣିବେ ଶେଷରେ ଡିବିରି ଓ ଦୀପରେ କାମ ଚଳାଉ ଛନ୍ତି। ତେବେ ସବୁଠୁ ବେଶି ଅସୁବିଧା ଭୋଗୁଛନ୍ତି ଛାତ୍ରଛାତ୍ରୀ। କେବଳ ଛୋଟ ପିଲା ନୁହଁନ୍ତି, ଏଠି ବହୁ ମାଟ୍ରିକ୍ ପଢୁଆ ପିଲା ବି ଅଛନ୍ତି। ମୁଣ୍ଡ ଉପରେ ମାଟ୍ରିକ୍ ପରୀକ୍ଷା ଥିବା ବେଳେ, ସେମାନେ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ପାଇଁ କିଭଳି ପ୍ରସ୍ତୁତ ହେଉଛନ୍ତି, ଏହା କେବଳ ସେମାନଙ୍କୁ ହିଁ ଜଣା।

୩ ମାସ ହେଲା ଜଳିନି ବିଜୁଳି ଆଲୁଅ। କେବଳ ୨ଶହ ପରିବାର ରହୁଥିବା ଏହି ସୀମାନ୍ତବର୍ତ୍ତୀ ବସ୍ତିରେ ବତି ଗୁଲ୍ ହୋଇନି, ସତେ ଯେମିତି ଗୁଲ୍ ହୋଇଯାଇଛି ପ୍ରଶାସନର କାର୍ଯ୍ୟକାରିତା। ଲୋକେ କହୁଛନ୍ତି ଟ୍ରାନ୍ସଫର୍ମର ପୋଡ଼ିବା ପରେ ଟାଟା ପାୱାର୍ କର୍ମଚାରୀ ଏହାକୁ ମରାମତି କରିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ନହେବାରୁ ଛାଡ଼ି ଚାଲିଗଲେ ଯେ। ସେବେ ଠାରୁ ଆଉ କାହାର ଦେଖା ନାହିଁ କି ଦର୍ଶନ ନାହିଁ। ଲୋକେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ସୀମା ଅଞ୍ଚଳରେ ରାତି ହେଲେ ହାତୀ ପ୍ରାଦୁର୍ଭାବ ବଢୁଥିବାରୁ, ସଞ୍ଜ ନଇଁଲେ ଘର ଭିତରେ କବାଟ କିଳି ରହୁଛନ୍ତି ଲୋକେ। ସେଠାରେ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ବିଦ୍ୟୁତ ପୁନର୍ବାହାଲ ପାଇଁ ଅତିଶୀଘ୍ର ବ୍ୟବସ୍ଥା କରାଯିବ ଏବଂ ଯେତେ ଦିନ ଲୋକେ ବିଜୁଳି ବ୍ୟବହାର କରିନାହାନ୍ତି, ତାର ବିଲ୍ ଦେବାକୁ ପଡ଼ିବ ନାହିଁ।

ଭାଗ-୧ । ସଂଖ୍ୟା-୧୫ । ଭୁବନେଶ୍ୱର । ୨୬ ଫେବୃଆରୀ ରୁ ୩ ମାର୍ଚ୍ଚ ୨୦୨୪
Vol-1 | Issue-15 | Bhubaneswar | 26 Feb. to 3 March 2024

# ବାଟ ଦେଖାଇଛନ୍ତି କମଳ, କରୁଛନ୍ତି ତୁଳସୀ ଚାଷ

**ସୁବର୍ଣ୍ଣପୁର (ଭିଓଭି):** ଚାକିରିରୁ ଅବସର ନେବା ପରେ ଚାଷ କାର୍ଯ୍ୟରେ ମଉଜି ଯାଇଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ହରଡ଼ଖୋଲ ଗାଁର କମଳ ଲୋଚନ ପୁରୋହିତ। ଧାନ କିମ୍ବା ପନିପରିବା ନୁହେଁ, ସେ କରୁଛନ୍ତି ତୁଳସୀ ଚାଷ। କିଛି ନିଆରା ଚାଷ କରିବା ନିଶାରେ ସେ ଆରମ୍ଭ କରିଥିଲେ ତୁଳସୀ ଚାଷ। ଏଥିରୁ ସେ ଭଲ ଦୁଇ ପଇସା ପାଉଥିବା ବେଳେ ଅନ୍ୟମାନଙ୍କୁ ଦେଖାଇଛନ୍ତି ରୋଜଗାରର ବାଟ।





କମଳ ଲୋଚନ ପୁରୋହିତ ୩୭ ବର୍ଷ ଧରି ରାଜ୍ୟ ସରକାରଙ୍କ ବନ ବିଭାଗରେ କାର୍ଯ୍ୟ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିବା କମଳ ଲୋଚନଙ୍କ ଅଧିକ ସମୟ ନନ୍ଦନକାନନରେ ଅତିବାହିତ ହୋଇଥିଲା। ୨୦୧୭ରେ ସେ ଡିଏଫଓ ଭାବେ ଅବସର ଗ୍ରହଣ କରିଥିଲେ।

ଅବସର ନେବା ପରେ କମଳ ଲୋଚନ ପୁରୋହିତ ଘରେ ବସିବାକୁ ଚାହୁଁ ନଥିଲେ। ସେ ନିଜକୁ କିଛି କାର୍ଯ୍ୟରେ ବ୍ୟସ୍ତ ରଖିବା ପାଇଁ ଚାହୁଁଥିଲେ। ବହୁତ ଭାବିବା ପରେ ସେ ନିଜ ଜନ୍ମମାଟି ହରଡ଼ଖୋଲକୁ ଫେରି ଚାଷ କରିବାକୁ ସ୍ଥିର କରିଥିଲେ। ହେଲେ ପାରମ୍ପରିକ ଚାଷ ନ କରି କିଛି ଅଲଗା କରିବା ପାଇଁ ସେ ଭାବିଥିଲେ। ଅନ୍ୟମାନଙ୍କ ପରାମର୍ଶ ନେବା ପରେ ସେ ତୁଳସୀ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ।

ପ୍ରାୟ ଗୋଟିଏ ଏକର ଜମିରେ କମଳ ଲୋଚନ ପୁରୋହିତ ତୁଳସୀ ଚାଷ କରିଛନ୍ତି। ଏଥିପାଇଁ ସେ ୪ ଜଣ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ତୁଳସୀ ଗଛଗୁଡ଼ିକର ରକ୍ଷଣାବେକ୍ଷଣ କରନ୍ତି। ତା'ସହିତ ପତ୍ର ତୋଳନ୍ତି। କମଳ ଲୋଚନ ପୁରୋହିତ ଗଣମାଧ୍ୟମକୁ କହିଛନ୍ତି, ପ୍ରତି ଦୁଇ ମାସରେ ଥରେ ତୁଳସୀ ପତ୍ର ତୋଳାଯାଏ। ଗୋଟିଏ ଥରରେ ପ୍ରାୟ ୮୦୦ରୁ ୯୦୦ କେଜି ପତ୍ର ବାହରିଥାଏ। ସେଥିରୁ ୪ କେଜି ତୁଳସୀ ତେଲ ବାହାରେ। ତୁଳସୀ ପତ୍ରରୁ ତେଲ ବାହାର କରିବା ପାଇଁ ଯେଉଁ ମେସିନ ଅଛି, ତାହା ଆମ ଗାଁ କିମ୍ବା ଆଖପାଖରେ ନାହିଁ। ସେଥିପାଇଁ ଟିକେ ଦୂର ବାଟ ଯିବାକୁ ପଡ଼େ।

ସେ କହିଛନ୍ତି, ତୁଳସୀ ତେଲର ବିକ୍ରି ଦୁଇ ପ୍ରକାରରେ ହୋଇଥାଏ। ଜଣେ ଚାହିଁଲେ କେଜି ହିସାବରେ ବିକ୍ରି କରିପାରିବେ। ନହେଲେ ଛୋଟ ଛୋଟ ବୋତଲରେ ଭର୍ତ୍ତି କରି ବିକ୍ରି କରିପାରିବେ। ତୁଳସୀ ତେଲର ଭଲ ଚାହିଦା ରହିଛି। ଏଥିରେ ଅନ୍ୟ କିଛି ମିଶେ ନାହିଁ।

ତୁଳସୀ ତେଲର ବିକ୍ରିକୁ ଆହୁରି ବଢ଼ାଇବା ପାଇଁ ଚିନ୍ତା କରୁଛନ୍ତି କମଳ ଲୋଚନ ପୁରୋହିତ। ତେଣୁ ସେ ଦିଗରେ ପ୍ରୟାସ ଜାରି ରଖିଛନ୍ତି। ଏହି କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ସହିତ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରୁଥିବା ବିଭିନ୍ନ କମ୍ପାନୀଗୁଡ଼ିକର ପରାମର୍ଶ ସେ ନେବେ ବୋଲି କହିଛନ୍ତି। ତୁଳସୀ ଚାଷରେ ଅଳ୍ପ ଖର୍ଚ୍ଚରେ ଭଲ ଲାଭ ହୋଇଥାଏ।

# ଚୋରି ହୋଇଗଲା ବିଦ୍ୟୁତ୍ ତାର, ଅନ୍ଧାରରେ ପୂରା ଗାଁ

**ଢେଙ୍କାନାଳ (ଭିଓଭି):** ଚୋରି ହୋଇଗଲା ବିଦ୍ୟୁତ୍ ତାର। ୪ ଦିନ ହେବ ପୂରା ଗାଁ ଅନ୍ଧାରରେ ରହିଛି। ଘଟଣାଟି ଘଟିଛି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ପଞ୍ଚାୟତର ରଙ୍ଗାମାଟିଆ ଗାଁରେ। ଗାଁରେ ୨୦ରୁ ଅଧିକ ବିଦ୍ୟୁତ ଖୁଣ୍ଟି ଦ୍ୱାରା ବିଦ୍ୟୁତ୍ ? ଯୋଗାଣ ବ୍ୟବସ୍ଥା ହୋଇଛି। ତେବେ ୨୦ ତାରିଖ ରାତି ପ୍ରାୟ ୧୨ଟା ବେଳେ ଦୁର୍ବୃତ୍ତମାନେ ୨୦ରୁ ଅଧିକ ବିଦ୍ୟୁତ ଖୁଣ୍ଟରେ ଲାଗିଥିବା ୧୦ ହଜାର ମିଟରରୁ ଅଧିକ ତାର ଚୋରି କରି ନେଇଥିଲେ। ସେତେବେଳେ ଗ୍ରାମବାସୀ ନିଜ ନିଜ ଘରେ ଶୋଇଥିଲେ। ଅଧିକ ରାତି ହୋଇଥିବାରୁ ତଥା କୌଣସି କାରଣରୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଥିବା ଭାବି କେହି ଯାଞ୍ଚ କରିନଥିଲେ। ସକାଳ ହେବା ପରେ ଗ୍ରାମବାସୀମାନେ ଦେଖିଥିଲେ ଯେ ବୁଦ୍ୟୁତ୍ ଖୁଣ୍ଟିରେ ତାର ନାହିଁ। ଏହା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସେମାନେ ବିଦ୍ୟୁତ ବିଭାଗର ସ୍ଥାନୀୟ ଜେଇଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାସହିତ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଆଜକୁ ଚାରି ଦିନ ବିତି ଯାଇଥିଲେ ହେଁ ଗାଁକୁ ପୁନଃବିଦ୍ୟୁତ୍ ସଞ୍ଜୋଗ ହୋଇପାରି ନାହିଁ। ନିଦା ବିଷ୍ଣୁ ପାଲଟିଛି ବିଦ୍ୟୁତ ବିଭାଗ। ଫଳରେ ଗାଁରେ ବସବାସ କରୁଥିବା ପ୍ରାୟ ୩୫ଟି ପରିବାର ବହୁତ ହଇରାଣ ହେଉଛନ୍ତି। ଏବେ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ଚାଲିଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେହି କେହି ଡିବିରି ଜାଳି ପଢିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ବିଦ୍ୟୁତ୍ ସରବରାହକୁ ପୁନଃସ୍ଥାନିତ କରିବାକୁ ଗ୍ରାମବାସୀ ମାଦେ ଦାବି କରିଛନ୍ତି।



# ୧୦ହଜାରରୁ ଅଧିକ ଅଫିମ ଗଛକୁ ନଷ୍ଟ କଲା ପୁଲିସ



**କରଞ୍ଜିଆ (ଭିଓଭି):** ୧୦ହଜାରରୁ ଅଧିକ ଅଫିମ ଗଛକୁ ନଷ୍ଟ କଲା ମୟୁରଭଞ୍ଜ ପୁଲିସ। ଘଟଣା ପୂର୍ବାହ୍ନରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ଏବଂ ଜଶିପୁର ପୁଲିସ ପକ୍ଷରୁ ଶିମିଳିପାଳ ପାଦ ଦେଶରେ ଥିବା ଠାକୁରଗୋଡ଼ା ଗ୍ରାମରେ ବେଆଇନ ଅଫିମ ଚାଷକୁ ନଷ୍ଟ କରାଯାଇଛି। ନୈନେକ ନାମକ ଜଣେ ବ୍ୟକ୍ତି ତାଙ୍କର ୨୧ ଡିସିମିଲ ଜାଗାରେ ବେଆଇନ ଅଫିମ ଚାଷ କରିଥିଲେ। ଏସମ୍ପର୍କରେ SDPO ସୁବ୍ରତ କୁମାର ଖବର ପାଇଥିଲେ। ଏହା ପରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ଏବଂ ଜଶିପୁର ପୁଲିସର ମିଳିତ ଭାବରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଆଉ ସେଇ ଟିମ୍ ସାହାଯ୍ୟରେ ଠାକୁରଗୋଡ଼ା ଗ୍ରାମରେ ଯାଇ ଚଢ଼ାଉ କରିଥିଲେ।

ଅଫିମ ଗଛ ଗୁଡ଼ିକୁ ନଷ୍ଟ କରିବା ସହିତ ଅଧିକ ତଦନ୍ତ ଚଳାଇଛି ପୁଲିସ। ତେବେ ଏ ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଏ ନେଇ ବର୍ତ୍ତମାନ ବି ତଦନ୍ତ ଜାରି ରହିଛି। ତଦନ୍ତ ପରେ ହିଁ ସଂପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବ ବୋଲି ସୂଚନା ମିଳିଛି।

# ୬୧୩୪କୋଟି ଟଙ୍କାର ୨୭ ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ

ଭୁବନେଶ୍ୱର (ଭିଓଭି): ସାଧାରଣ ନିର୍ବାଚନ ପୂର୍ବରୁ ଆଜି ପର୍ଯ୍ୟନ୍ତ ୬୧୩୪.୫୨ କୋଟି ଟଙ୍କାର ୨୭ଟି ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଅତିରିକ୍ତ ୪୨୨୭୫ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ରାଜ୍ୟର ୧୦ଟି ଜିଲ୍ଲାରେ ଏହି ୨୭ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ।




ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ମିଳିଛି। ଡାଉନଷ୍ଟ୍ରିମ ଆଲୁମିନିୟମ, ଅକ୍ଷୟ ଶକ୍ତି, ନିର୍ମାଣ, ଫୁଡ୍ ପ୍ରୋସେସିଂ, ପ୍ଲାଷ୍ଟିକ, ଆପେରାଲ ଆଣ୍ଡ ଟେକ୍ସଟାଇଲ, ଫେରୋ ଆଲଏଜ୍, ଆଇଟି ଇନଫ୍ରାଷ୍ଟକଚର କ୍ଷେତ୍ରରେ ଏହି ପୁଞ୍ଜିନିବେଶ ହେବ। କନ୍ଧମାଳର ବାଲିଗୁଡ଼ାଠାରେ ୭୮୭.୪୮କୋଟି ଟଙ୍କା ବ୍ୟୟରେ ୬୩ ମେଗାୱାଟ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ପାଇଁ ଓଡ଼ିଶା ଜଳବିଦ୍ୟୁତ ନିଗମର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ଅତିରିକ୍ତ ୨୧୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଅନୁଗୁଳରେ ଗତିଶକ୍ତି ମଲଟିମୋଡାଲ ଟର୍ମିନାଲ ସ୍କିମରେ ଘରୋଇ ମାଲ ପରିବହନ ଟର୍ମିନାଲ ସ୍ଥାପନ ପାଇଁ କୋଲି କର୍ମସିଆଲ ଏଲଏଲପି ୮୨.୦୨କୋଟି ଟଙ୍କା ବିନିଯୋଗ କରିବ। ଖୋର୍ଦ୍ଧାଠାରେ ପ୍ରିମିୟମ ଟ୍ରାନ୍ସମିଶନ ଭେଂଚର ପକ୍ଷରୁ ଇଣ୍ଡଷ୍ଟ୍ରିଆଲ ଟ୍ରାନ୍ସମିଶନ ଓ ଅକ୍ଷୟଶକ୍ତି ଉପକରଣ ନିର୍ମାଣ ନିମନ୍ତେ ୫୫୫ କୋଟି ଟଙ୍କା ନିବେଶ କରାଯିବ। ଏହି ପ୍ରସ୍ତାବକୁ ମଧ୍ୟ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି।

ପାରାଦୀପଠାରେ ଟେକ୍ସମୋକୋ ରେଲ୍ ଆଣ୍ଡ ଇଞ୍ଜିନିୟରିଂ ୪୩୮.୯୨କୋଟି ଟଙ୍କା ବିନିଯୋଗ କରି ରେଳବାଇ ବଗି ଓ କପଲର ନିର୍ମାଣ କରିବ। ଏଥିରେ ପ୍ରାୟ ୨ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

ସେହିପରି ଏସଏମଇଏଲ୍ ଷ୍ଟିଲ ଷ୍ଟ୍ରକଚରାଲ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୮୯୩କୋଟି ଟଙ୍କା ବ୍ୟୟରେ ସମ୍ବଲପୁରର ରେଙ୍ଗାଲିଠାରେ ଆଲୁମିନିୟମ କଏଲ, ଫ୍ଲାଟ ରୋଲଡ୍ ଓ ବ୍ୟାଟେରୀ ଫଏଲ୍ ନିର୍ମାଣ ୟୁନିଟ୍ ସ୍ଥାପନ କରାଯିବ ଓ ଏଥିରେ ୫୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଖୋର୍ଦ୍ଧାଠାରେ ମାଗପେଟ୍ ପଲିମର କମ୍ପାନୀ ପକ୍ଷରୁ ୧୭୫କୋଟି ଟଙ୍କା ବ୍ୟୟରେ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦନ କରାଯିବ। ଏଥିରେ ୫୪୫ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି।

ସେହିପରି ଆଇଟିସି ଲିମିଟେଡ୍ ୧୪୮.୩୯କୋଟି ଟଙ୍କା ବ୍ୟୟରେ ପୁରୀ ସିପସରୁବାଲିଠାରେ ୫ତାରକା ବିଶିଷ୍ଟ ୱେଲକମ୍ ହୋଟେଲ ନିର୍ମାଣ କରିବ। ପ୍ରାୟ ୧୫୪ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

# ସରକାରଙ୍କୁ ଝଟ୍‌କା, ଅଟକିଲା ମନ୍ଦିରରୁ ଟ୍ୟାକ୍ସ ଆଦାୟ ବିଲ୍

**ନୂଆଦିଲ୍ଲୀ:** କର୍ଣ୍ଣାଟକାର କଂଗ୍ରେସ ନେତୃତ୍ୱାଧୀନ ସରକାରଙ୍କୁ ଲାଗିଲା ବଡ଼ ଝଟ୍‌କା। କର୍ଣ୍ଣାଟକା ସରକାର ଆଣିଥିବା 'ହିନ୍ଦୁ ଧାର୍ମିକ ଅନୁଷ୍ଠାନ ଏବଂ ଚାରିଟେବୁଲ ଏଣ୍ଡୋମେଣ୍ଟସ (ସଂଶୋଧନ) ବିଲ' ଅଧାରେ ଅଟକି ଯାଇଛି। ଏହା ବିଧାନ ପରିଷଦରେ ପାରିତ ହୋଇପାରି ନାହିଁ। ଏହାକୁ ଖାରଜ କରି ଦିଆଯାଇଛି।

ଗତ ସପ୍ତାହରେ ବିଧାନସଭା ଦ୍ୱାରା ମନ୍ଦିର ବିଲ୍ ପାରିତ ହୋଇ ବିଧାନ ପରିଷଦରେ ଉପସ୍ଥାପିତ ହୋଇଥିଲା। ହେଲେ ଏହାକୁ ବିରୋଧୀ ଦଳ ବିଜେପି ଏବଂ ଜେଡିଏସ ଜୋରଦାର ବିରୋଧ କରିଥିଲେ। ବିଧାନ ପରିଷଦରେ ବିରୋଧୀଙ୍କ ସଂଖ୍ୟାଗରିଷ୍ଠତା ରହିଛି, ତେଣୁ ବିରୋଧ ହେତୁ ଏହି ବିଲ ବିଧାନ ପରିଷଦରେ ପାରିତ ହୋଇପାରି ନାହିଁ।

ସୂଚନା ମୁତାବକ, ରାଜ୍ୟର ଯେଉଁ ମନ୍ଦିରର ବାର୍ଷିକ ଆୟ ୧୦ଲକ୍ଷରୁ ୧ କୋଟି ଟଙ୍କା ରହିଛି, ସେସବୁ ମନ୍ଦିର ଉପରେ ପାଞ୍ଚ ପ୍ରତିଶତ ଟିକସ ଲାଗୁ କରିବାର ବ୍ୟବସ୍ଥା ଏହି ବିଲ୍‌ରେ ରହିଛି। ସେହିପରି ଯେଉଁ ମନ୍ଦିରଗୁଡ଼ିକର ବାର୍ଷିକ ଆୟ ୧ କୋଟିରୁ ଅଧିକ ସେସବୁ ଉପରେ ୧୦% ଟ୍ୟାକ୍ସ ଆଦାୟ କରିବାର ବ୍ୟବସ୍ଥା ଅଛି। ମନ୍ଦିର ରୋଜଗାରରୁ ପ୍ରାପ୍ତ ପାଣ୍ଠିକୁ ଏକ କମନ ପୁଲ୍ ପାଣ୍ଠିରେ ରଖିବା ପାଇଁ ଏକ ବ୍ୟବସ୍ଥା କରାଯାଇଛି, ଯାହା ରାଜ୍ୟ ଧାର୍ମିକ ପରିଷଦ ଦ୍ୱାରା ପରିଚାଳିତ ହେବ। ଏହି ପାଣ୍ଠି ରାଜ୍ୟର ଯେଉଁ ମନ୍ଦିରଗୁଡ଼ିକର ବାର୍ଷିକ ଆୟ ପାଞ୍ଚ ଲକ୍ଷରୁ କମ୍ ସେହି ମନ୍ଦିରର ପୁରୋହିତମାନଙ୍କ କଲ୍ୟାଣ ପାଇଁ ବ୍ୟବହୃତ ହେବ।



ତେବେ ବିରୋଧୀ ଏହାକୁ ନେଇ ଅଭିଯୋଗ ଆଣିଛନ୍ତି। ମନ୍ଦିରଗୁଡିକ ଉପରେ ଟ୍ୟାକ୍ସ ଲଗାଇ ସରକାର ରାଜକୋଷ ପୂରଣ କରିବାକୁ ଚେଷ୍ଟା କରୁଥିବା ସେମାନେ ଅଭିଯୋଗ ଆଣିଛନ୍ତି। ତେବେ ଏହାକୁ ଖଣ୍ଡନ କରିଛନ୍ତି ସରକାର।

ପରିବହନ ମନ୍ତ୍ରୀ ରାମଲିଙ୍ଗା ରେଡ୍ଡୀ କହିଛନ୍ତି, ଆମେ ହିନ୍ଦୁ ବିରୋଧୀ ନୁହେଁ। ବିଜେପି ହେଉଛି ହିନ୍ଦୁ ବିରୋଧୀ। ୨୦୦୩ରେ ଏହି ଆଇନ୍ ଲାଗୁ ହୋଇଥିଲା। ୨୦୧୧ରେ କ୍ଷମତାରେ ଥିବା ବେଳେ ବିଜେପି ଏହାକୁ ସଂଶୋଧନ କରିଥିଲା। ସେତେବେଳେ ଏଠାରେ ୩୪,୦୦୦ ମନ୍ଦିର ଥିଲା ଏବଂ ସେମାନେ ଧାର୍ମିକ ପରିଷଦକୁ କିଛି ଦେଇ ନ ଥିଲେ।

ରାଜ୍ୟରେ ପ୍ରାୟ ୧୯୩ଟି 'ବି ଗ୍ରେଡ୍' ମନ୍ଦିର ଅଛି – ସେମାନଙ୍କୁ ୫ ପ୍ରତିଶତ ଟିକସ ଦେବାକୁ ପଡିବ। ସେହିପରି ପ୍ରାୟ ୨୦୫ଟି ଏ ଗ୍ରେଡ୍ ମନ୍ଦିର ଅଛି – ସେମାନଙ୍କୁ ୧୦ ପ୍ରତିଶତ ଟିକସ ଦେବାକୁ ପଡିବ ବୋଲି ସେ କହିଛନ୍ତି।

# ଜୁଲାଇ ପହିଲାରୁ ଲାଗୁ ହେବ ୩ ନୂଆ ଫୌଜଦାରୀ ଆଇନ

**ନୂଆଦିଲ୍ଲୀ:** ଭାରତୀୟ ଆଇନ ପ୍ରକ୍ରିୟାରେ ୩ଟି ନୂଆ ଫୌଜଦାରୀ ଆଇନ ଲାଗୁ ହେବାକୁ ଯାଉଛି। ଏହି ତିନୋଟି ନୂଆ ଅପରାଧିକ ନିୟମ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

ଏହି ତିନି ଅପରାଧିକ ନିୟମ ହେଉଛି, ଭାରତ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ। ବ୍ରିଟିଶ କାଳରୁ ଚାଲି ଆସିଥିବା ଇଣ୍ଡିଆନ ପେନାଲ କୋଡ (ଆଇପିସି) ଏବଂ କୋଡ ଅଫ୍ କ୍ରିମିନାଲ ପ୍ରୋସିଜର୍ (CrPC) ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବ। ଭାରତୀୟ ସାକ୍ଷ୍ୟ ସଂହିତା, ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ବିଲ୍, ୨୦୨୩ ଏବଂ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ଗତ ବର୍ଷ ଶୀତ ଅଧିବେଶନ ସମୟରେ ସଂସଦର ଉଭୟ ଗୃହରେ ପାରିତ ହୋଇଥିଲା। ଏହାପରେ ରାଷ୍ଟ୍ରପତିଙ୍କଠାରୁ ଅନୁମୋଦନ ପାଇବା ପରେ ବିଲ୍ ଆଇନରେ ପରିଣତ ହୋଇଥିଲା, ଯାହା ଆସନ୍ତା ଜୁଲାଇ ୧ରୁ କାର୍ଯ୍ୟକାରୀ ହେବ।



ସଂସଦରେ ଏହି ବିଲ୍ ଆଗତ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଥିଲେ, ଏହି ନୂଆ ନିୟମ ଭାରତୀୟତା, ଭାରତୀୟ ସମ୍ବିଧାନ ଏବଂ ଲୋକଙ୍କ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରେ। ଏଥିସହ ଟେକ୍ନୋଲୋଜିର ବ୍ୟବହାରକୁ ଉତ୍ସାହିତ କରିଥାଏ ଏବଂ ଅନୁସନ୍ଧାନ, ପ୍ରବର୍ତ୍ତନ ଏବଂ ନ୍ୟାୟିକ ବ୍ୟବସ୍ଥାରେ ଫରେନସିକ୍ ସାଇନ୍ସକୁ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି ଶାହ କହିଥିଲେ।

ସେ ଆହୁରି କହିଥିଲେ, ଏହି ତିନୋଟି ନିୟମ ଅନୁଯାୟୀ ସମସ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଅପରାଧିକ ନ୍ୟାୟ ବ୍ୟବସ୍ଥା ବିଶ୍ୱରେ ସବୁଠାରୁ ଉନ୍ନତ ହେବ।

### ୨୨ ବର୍ଷ ପରେ ଆସିଲା ରାୟ

# ୬ ଜଣଙ୍କୁ ଆଜୀବନ କାରାଦଣ୍ଡ

ନୟାଗଡ଼ (ଭିଓଭି): ନୟାଗଡ଼ ଜିଲ୍ଲା କେଶପାନିଆ ଗାଁର ମଦନ ନାୟକଙ୍କ ହତ୍ୟା ମାମଲାରେ ୨୨ ବର୍ଷ ପରେ ଆସିଛି ରାୟ। ୧୮ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଥିବା ବେଳେ ୧୦ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଆଉ ୨ ଅଭିଯୁକ୍ତଙ୍କ ମୃତ୍ୟୁ ଘଟି ସାରିଛି। ୬ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହିତ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ନ ଦେଲେ ସେମାନଙ୍କୁ ଅଧିକ ୬ ମାସ ଲେଖାଏଁ ଜେଲ୍ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ଼ ଜିଲ୍ଲା ଶରଣକୂଳ ଥାନା କେଶପାନିଆରେ ୨୦୦୨ ମସିହାରେ ଘଟିଥିଲା ଏହି ହତ୍ୟାକାଣ୍ଡ କ୍ଷ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମଦନ ନାୟକଙ୍କୁ ହତ୍ୟା କରାଯାଇଥିଲା। ବୋମା ଫିଙ୍ଗି, ଠେଙ୍ଗା ଓ କଟୁରୀରେ ସଂଘବଦ୍ଧ ଭାବେ ଆକ୍ରମଣ କରି ତାଙ୍କୁ ହତ୍ୟା କରାଯାଇଥିଲା। ଏମିତିକି ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ ଏକାଧିକ ଲୋକ। ସେମାନଙ୍କୁ ଲକ୍ଷ୍ୟ କରି ବୋମା ଓ ପଥର ମାଡ଼ କରାଯାଇଥିଲା।



ଏହି ମାମଲାରେ ମୋଟ ୧୮ ଜଣ ଅଭିଯୁକ୍ତ ଥିଲେ। ୧୦ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ୨ ଜଣଙ୍କ ମୃତ୍ୟୁ ହୋଇସାରିଛି। ଅନ୍ୟ ୬ ଅଭିଯୁକ୍ତଙ୍କୁ ଆଜୀବନ ଦଣ୍ଡାଦେଶ ଶୁଣାଯାଇଛି।

# ମୁସଲିମ ବିବାହ ଓ ଛାଡପତ୍ର ଆଇନ୍ ରଦ୍ଦ

**ନୂଆଦିଲ୍ଲୀ:** ଆସାମରେ ୟୁନିଫର୍ମ ସିଭିଲ କୋଡ୍ ତଥା ୟୁସିସିକୁ ନେଇ ଆଉ ପାଦେ ଆଗେଇଛନ୍ତି ସରକାର। ମୁସଲିମ ବିବାହ ଓ ଛାଡପତ୍ରକୁ ନେଇ ରହିଥିବା ୮୯ ବର୍ଷ ପୁରୁଣା ଆଇନକୁ ରଦ୍ଦ କରାଯାଇଛି। ଏହି ଆଇନକୁ ରଦ୍ଦ କରିବା ପାଇଁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

କ୍ୟାବିନେଟ ବୈଠକ ପରେ ଆସାମ ମନ୍ତ୍ରୀ ଜୟନ୍ତ ବରୁଆ ଏହାକୁ ୟୁନିଫର୍ମ ସିଭିଲ କୋଡ (ୟୁସିସି)ର ଏକ ବଡ ପଦକ୍ଷେପ ବୋଲି କହିଛନ୍ତି। ସେ କହିଛନ୍ତି, 'ଆମ ମୁଖ୍ୟମନ୍ତ୍ରୀ ଘୋଷଣା କରିସାରିଛନ୍ତି ଯେ ଆସାମରେ ୟୁନିଫର୍ମ ସିଭିଲ କୋଡ ଲାଗୁ କରାଯିବ। ଏହା ଅନ୍ତର୍ଗତ ଆମେ ମୁସଲିମ ବିବାହ ଏବଂ ଛାଡପତ୍ର ପଞ୍ଜିକରଣ ଆଇନକୁ ରଦ୍ଦ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛୁ। ଏବେ ମୁସଲିମ ବିବାହ ଓ ଛାଡପତ୍ର ସମ୍ପର୍କିତ ସମସ୍ତ ମାମଲା ସ୍ୱତନ୍ତ୍ର ମ୍ୟାରେଜ ଆକ୍ଟ ଅନୁଯାୟୀ ହେବ। ଏବେ ଆକ୍ଟ ଅନୁଯାୟୀ କୌଣସି ମୁସଲିମ ବିବାହ କିମ୍ବା ଛାଡପତ୍ର ପଞ୍ଜିକରଣ ହେବ ନାହିଁ।'



ସେ ଆହୁରି କହିଛନ୍ତି, ମୁସଲିମ ବିବାହ ଓ ଛାଡପତ୍ର ସମ୍ପର୍କିତ ମାମଲା ପଞ୍ଜିକରଣ ପାଇଁ ଜିଲ୍ଲା ଆୟୁକ୍ତ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଦାୟିତ୍ୱ ଦିଆଯିବ। ମୁସଲିମ ବିବାହ ଛାଡପତ୍ର ଅଧିନିୟମ ଅନୁଯାୟୀ କାମ କରୁଥିବା ୯୪ ମୁସଲିମ ରେଜିଷ୍ଟ୍ରାରଙ୍କୁ ପଦରୁ ହଟାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଦେବା ସହ କାର୍ଯ୍ୟରୁ ମୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୋଶାଲ ମିଡିଆ ପୋଷ୍ଟରେ କହିଛନ୍ତି, ଆସାମ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ରାଜ୍ୟରେ ମୁସଲିମ ବିବାହ ଏବଂ ଛାଡପତ୍ର ପଞ୍ଜିକରଣ ଆଇନ ୧୯୩୦କୁ ପ୍ରତ୍ୟାହାର କରିନେଇଛି। ଆଇନ୍ ଅନୁଯାୟୀ ବର ଏବଂ କନ୍ୟାଙ୍କର ଆଇନଗତ ବୟସ ୧୮ ଏବଂ ୨୧ ନଥିଲେ ମଧ୍ୟ ପୁରୁଣା ବ୍ୟବସ୍ଥାରେ ବିବାହ ପଞ୍ଜିକରଣକୁ ଅନୁମତି ଦେଇଥିବା ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥିଲା। ଆସାମରେ ବାଲ୍ୟ ବିବାହ ଉପରେ ପ୍ରତିବନ୍ଧକ ଲଗାଇବା ଦିଗରେ ଏହି ନିଷ୍ପତ୍ତି ହେଉଛି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow / Like / Subscribe :
Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର